# ପ୍ରସ୍ତୁତ କରନ୍ତୁ ଛୋଲେ କୁଲ୍‌ଚା

**ଆବଶ୍ୟକ ସାମଗ୍ରୀ :** ଚଣା, ମଇଦା, ଦହି, ଲୁଣ, ଲୁହଣୀ, କଟା ସିଝା ଆଳୁ, କଟା ପିଆଜ, କଟା ଟମାଟୋ, ଲଙ୍କା ଗୁଣ୍ଡ, ଗରମ ମସଲା, ଆମଚୁର ପାଉଡର, ଚାଟ୍ ମସଲା, ଲେମ୍ବୁ ରସ ଓ ତେନ୍ତୁଳି ପାଣି ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଚଣାକୁ ୩ରୁ୪ ଘଣ୍ଟା ପାଇଁ ପାଣିରେ ବତୁରାଇ ଦିଅନ୍ତୁ । ଏହାପରେ ପ୍ରେସର କୁକରରେ ୪ଟି ହ୍ୱିସିଲ ଦେଇ ସିଝାଇ ଦିଅନ୍ତୁ । ଏହାପରେ ମଇଦାରେ ଦହି, ଲୁଣ ଓ ଲହୁଣୀ ପକାଇ ଏହାକୁ ନରମ ଭାବେ ଦଳି ଦିଅନ୍ତୁ । ଏବେ ଅନ୍ୟ ଏକ ପାତ୍ରରେ ସିଝା ଚଣା, କଟା ସିଝା ଆଳୁ, କଟା ପିଆଜ, କଟା ଟମାଟୋ, ଲଙ୍କା ଗୁଣ୍ଡ, ଗରମ ମସଲା, ଆମଚୁର ପାଉଡର, ଚାଟ୍ ମସଲା, ଲେମ୍ବୁ ରସ ଓ ତେନ୍ତୁଳି ପାଣି ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ପରେ ମିଇଦା ଚକଟାକୁ ବଡ ବଡ ଗୁଳା କରି ବେଲନ୍ତୁ । ଏବେ ଏହାକୁ ଅଳ୍ପ ବଟର ଦେଇ ସେକି ଦିଅନ୍ତୁ । ସେକିଲା ପରେ ଏହାକୁ ମଝିରୁ କାଟି ଏଥିରେ ଚଣା ଓ ଅନ୍ୟାନ୍ୟ ସାମଗ୍ରୀ ପଡି ପ୍ରସ୍ତୁତ ହୋଇଥିବା ମସଲା ଭର୍ତ୍ତି କରନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା 'ଛୋଲେ କୁଲଚ' । ଏହାକୁ ଚଟଣୀ କିମ୍ବା ଦହି ସହିତ ଗରମ ଗରମ ପରଷନ୍ତୁ ।



ଖବର

# ୩ଟି ଭାଷାରେ ମୁକ୍ତିଲାଭ କରିବ ଓଡ଼ିଆ ଫିଲ୍ମ 'ପରବ'




ଓଡିଆ ଫିଲ୍ମ ଜଗତକୁ ବଡ଼ ସଫଳତା । ୩ଟି ଭାଷାରେ ମୁକ୍ତିଲାଭ କରିବ ଓଡ଼ିଆ ଫିଲ୍ମ 'ପରବ' । ଓଡ଼ିଆ ସିନେମା ଶିଳ୍ପରେ ଦୀର୍ଘବର୍ଷ ପରେ 'ଦମନ', 'ପ୍ରତୀକ୍ଷା' ଭଳି ଫିଲ୍ମ ଦର୍ଶକଙ୍କୁ ପ୍ରେକ୍ଷାଳୟକୁ ଟାଣିଥିବା ବେଳେ 'ପରବ' ମଧ୍ୟ ଧମାକା କରିବାକୁ ପ୍ରସ୍ତୁତ ହେଉଛି । ଏହି ଫିଲ୍ମ ୩ଟି ଭାଷା ତଥା ଓଡ଼ିଆ, ହିନ୍ଦୀ ଓ ତେଲଗୁ ଭାଷାରେ ପରଦାକୁ ଆସିବ। କେବଳ ଏତିକି ନୁହେଁ ସିନେମା ହଲରେ ରିଲିଜ ପରେ ଏହି ଫିଲ୍ମ ଓଟିଟିରେ ମଧ୍ୟ ଆସିବ । ଯାହାକୁ ନେଇ ବଲିଉଡ ଜଣାଶୁଣା ପାନ-ଇଣ୍ଡିଆ ଷ୍ଟୁଡ଼ିଓ 'ପାନୋରମା ଷ୍ଟୁଡ଼ିଓ' ସହ ହାତ ମିଳାଇଛନ୍ତି ଓଲିଉଡ ନିର୍ମାତା ଦୀପେନ୍ଦ୍ର ସାମଲ। ଏନେଇ ପନୋରମା ଷ୍ଟୁଡିଓ ସହ ଚୁକ୍ତିନାମା ସରିଥିବାବେଳେ ସାରା ଦେଶରେ ୨୦୦ ସ୍କ୍ରିନରେ ଏହି ମୁକ୍ତିଲାଭ କରିବ ବୋଲି କହିଛନ୍ତି ନିର୍ମାତା ଦୀପେନ୍ଦ୍ର ସାମଲ । ଯାହା ଓଡ଼ିଶାବାସୀଙ୍କ ପାଇଁ ଗର୍ବର ବିଷୟ ହୋଇଥିବା ବେଳେ ଏହା ଦ୍ୱାରା ବର୍ତ୍ତମାନ ପାନ ଇଣ୍ଡିଆରେ ଓଲିଉଡ୍ ସିନେମାକୁ ସ୍ୱୀକୃତି ମିଳିବା ନେଇ ଆଶାବ୍ୟକ୍ତ କରିଛନ୍ତି ନିର୍ମାତା । ସାରା ଦେଶରେ 'ପରବ' ରିଲିଜ ନେଇ ନିର୍ମାତା କହିଛନ୍ତି ଆମେ ପରବ ଫିଲ୍ମକୁ ଏକାସଙ୍ଗେ ଓଡ଼ିଆ ଏବଂ ହିନ୍ଦୀ ଭାଷାରେ ମୁକ୍ତିଲାଭ କରିବାକୁ ଚାହୁଁଛୁ। ଓଡ଼ିଆ ଫିଲ୍ମ ଡିସେମ୍ବର ୨୦ରେ ରିଲିଜ ହେବ । ଏହାର ୧୦ ଦିନ ପରେ ତେଲୁଗୁ ଭାଷାରେ ରିଲିଜ କରିବାର ଯୋଜନା କରିଛୁ । ତେବେ ଏହି ଫିଲ୍ମରେ ସିଦ୍ଧାନ୍ତ ମହାପାତ୍ର ଏବଂ ଅନୁ ଚୌଧୁରୀ ମୁଖ୍ୟ ଭୂମିକାରେ ନଜର ଆସିବେ। ଏଥିସହିତ ଦିପନ୍ୱୀତ, ସୂର୍ଯ୍ୟମୟୀ,ଚୈୟଧୁରୀ ଜୟପ୍ରକାଶ ଦାସ ପ୍ରମୁଖ ଅଭିନୟ କରିଛନ୍ତି। ଜେପି ମୋସନ ପିକ୍‌ଚର୍ସ ବ୍ୟାନରରେ ତଥା ଦୀପେନ୍ଦ୍ର ସାମଲଙ୍କ ନିର୍ମିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଚିନ୍ମୟ ଦାସ । ତେବେ ଏହି ଫିଲ୍ମ ମଧ୍ୟ ଦମନ ପରି ଲୋକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛନ୍ତି ନିର୍ମାତା ।

# ମୁଣ୍ଡ ବିନ୍ଧା ଲାଗି ରହୁଥିଲେ.......



ବର୍ତ୍ତମାନ ସମୟରେ ମୁଣ୍ଡ ବିନ୍ଧା ସଭିଁଙ୍କ ପାଇଁ ଏକ ମୁଖ୍ୟ ସମସ୍ୟା ପାଲଟିଛି। ଅନେକ ଲୋକଙ୍କର ସକାଳୁ ଉଠିବା ପରେ ସେମାନଙ୍କ ମୁଣ୍ଡ ବିନ୍ଧା ହୋଇଥାଏ। ଏହାଦ୍ୱାରା ଦିନଯାକ ବ୍ୟସ୍ତତା ଅନୁଭବ ହୋଇଥାଏ। କାମ କରିବାକୁ ମଧ୍ୟ ଆଗ୍ରହ ହୋଇନଥାଏ। ଖାଦ୍ୟ ଖାଇବାକୁ ମଧ୍ୟ ଇଚ୍ଛା ହୋଇନଥାଏ। ମୁଣ୍ଡ ବିନ୍ଧାରୁ ରକ୍ଷା ପାଇଁ ଅନେକ ବାରମ୍ବାର ଔଷଧ ମଧ୍ୟ ସେବନ କରିଥାଆନ୍ତି। ସଠିକ୍ ଭାବେ ଭୋଜନ ନକରିବା, ଉପବାସ ରହିବା ମୁଣ୍ଡ ବିନ୍ଧା ହେବାର ଏକ ମୁଖ୍ୟ କାରଣ। ଖାଦ୍ୟରେ ପୋଷକ ତ□ର ଅଭାବ ହେବା ମଧ୍ୟ ମୁଣ୍ଡ ବିନ୍ଧାର ଏକ କାରଣ। ତେବେ ଏପରି କେତେକ ଖାଦ୍ୟ ବିଷୟରେ ଜାଣନ୍ତୁ ଯାହାର ସେବନ ଦ୍ୱାରା ବାରମ୍ବାର ହେଉଥିବା ମୁଣ୍ଡ ବିନ୍ଧା ସମସ୍ୟା ଦୂର ହୋଇଥାଏ ।ମୁଣ୍ଡ ବିନ୍ଧା ଲାଗି ରହୁଥିଲେ,ସେଓର ସେବନ କରନ୍ତୁ। ନିଜ ଦୈନନ୍ଦିନ ଖାଦ୍ୟରେ ସେଓ ନିଶ୍ଚୟ ସାମିଲ କରନ୍ତ ।ସେଓରେ ପୋଟାସିୟମ,ଆଇରନ,ଫାଇବର ଓ ଭିଟାମିନ ସି ଭରପୁର ମାତ୍ରାରେ ରହିଛି। ନିୟମିତ ସେଓ ଖାଇବା ଦ୍ୱାରା ଧିରେ ଧିରେ ମୁଣ୍ଡ ବିନ୍ଧା ସମସ୍ୟାରୁ ମୁକ୍ତି ମିଳିଥାଏ। ସେଓରେ ଥିବା ପୋଟାସିୟମ ମୁଣ୍ଡ ବିନ୍ଧା ଦୂର କରିଥାଏ। ସେଓ ବ୍ୟତୀତ କଦଳୀ, ତରଭୂଜ ମଧ୍ୟ ସେବନ କରିପାରିବେ ।ନିୟମିତ ମୁଣ୍ଡ ବିନ୍ଧା ହେଉଥିଲେ ନିଜ ଖାଦ୍ୟରେ ଦହି ସେବନ କରନ୍ତୁ। ଦହିର ସେବନ କରିବା ଦ୍ୱାରା ମୁଣ୍ଡ ବିନ୍ଧା ଦୂର ହୋଇଥାଏ। ଏହା ଶରୀରରେ ଜଳୀୟ ଅଂଶ ସଠିକ୍ ରଖିଥାଏ। ଦହିରେ କ୍ୟାଲସିୟମ ରହିଛି। ଦହି ସେବନ ଦ୍ୱାରା ମୁଣ୍ଡ ବିନ୍ଧା ଦୂର ହୋଇଥାଏ। ପଇଡ ପାଣିର ସେବନ କରନ୍ତୁ ପଇଡ ପାଣି ପିଇବା ଦ୍ୱାରା ମୁଣ୍ଡ ବିନ୍ଧା ଦୂର ହୋଇଥାଏ। ପଇଡ ପାଣିପୋଷକ ତ□ର ଭଣ୍ଡାର। ଏଥିରେ ପୋଟାସିୟମ, ଫାଇବର, ପ୍ରୋଟିନ୍ , ଭିଟାମିନ୍ ସି ରହିଛି। ଏହା ଶରୀରକୁ ଦୁର୍ବଳ ହେବାକୁ ଦେଇନଥାଏୟ ମୁଣ୍ଡ ବିନ୍ଧା ଦୂର ହୋଇଥାଏ।


# ତ୍ୱଚା ସୁନ୍ଦର କରାଇବାର ଉପାୟ



ତ୍ୱଚାର ସୁନ୍ଦରତା ବଜାୟ ରଖିବା ପାଇଁ ସଭିଏଁ ବହୁ ଉପାୟ ଆପଣେଇ ଥାଆନ୍ତି । ଏହାଛଡ଼ା ଅଧିକାଂଶ ସମୟ ଅଭାବ କାରଣରୁ ତ୍ୱଚା ଉପରେ ଅଧିକ ଧ୍ୟାନ ମଧ୍ୟ ଦେଇ ପାରି ନଥାଆନ୍ତି। ମାତ୍ର ଏପରି କେତେକ ଉପାୟ ରହିଛି ଯାହାକୁ ଆପଣେଇ ମୁହଁର ସୁନ୍ଦରତାକୁ ଦ୍ୱିଗୁଣିତ କରିପାରିବା।

ନଡ଼ିଆ ତେଲ -
ଯଦି ଆପଣଙ୍କ ତ୍ୱଚା ଅଧିକ ଶୁଷ୍କ ତେଲିଆ ନୁହେଁ ତେବେ ନିୟମିତ ନଡ଼ିଆ ତେଲର ମୁହଁରେ ମାଲିସ କରନ୍ତୁ । ରାତିରେ ଶୋଇବା ସମୟରେ ତୁଳାର ବ୍ୟବହାର କରି ମୁହଁରେ ଲଗାନ୍ତୁ। ସକାଳେ ଆପଣ ନିଜେ ଏହାର ଚମତ୍କାରିତା ଅନୁଭବ କରିବେ ।

ଗ୍ରୀନ ଟି ପ୍ୟାକ୍ -
ପେଷା ହୋଇଥିବା ଗ୍ରୀନ ଟିରେ ଅଳ୍ପ ପାଣି ମିଶାଇ ତୁଳାର ବ୍ୟବହାର କରି ଏହି ପେଷ୍ଟକୁ ରାତି ଯାକ ମୁହଁରେ ଲଗାଇ ରଖନ୍ତୁ । ସକାଳେ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ ।



# ପିଲାଙ୍କଠାରେ ସ୍ୱଳ୍ପ ଦୃଷ୍ଟିଶକ୍ତି ସମସ୍ୟା ବହୁତ ବିପଜ୍ଜନକ



ଆଜିକାଲି ଛୋଟ ପିଲାଙ୍କଠାରେ ସ୍ୱଳ୍ପ ଦୃଷ୍ଟିଶକ୍ତି (ଲୋ ଭିଜନ) ସମସ୍ୟା ବହୁତ ଦେଖା ଯାଉଛି। ସାଧାରଣତଃ ଏହି ସମସ୍ୟା ଖରାପ ଜୀବନଶୈଳୀ, ଅଧିକ ମାତ୍ରାରେ ପାଠ ପଢ଼ିବା, ଟିଭି କିମ୍ବା ମୋବାଇଲ ଦେଖିବା ନିଶା ଯୋଗୁ ଦେଖା ଯାଉଛି। ତେବେ ଏହି ସମସ୍ୟାର କିଛି ବିଶେଷ ଲକ୍ଷଣ ଥାଏ। ଉଦାହରଣ ସ୍ୱରୂପ, ପରିଚିତ ଚେହେରାକୁ ଚିହ୍ନିବାରେ ଅସୁବିଧା, ପାଠପଢ଼ାରେ ଅସୁବିଧା, ଝାପ୍ସା ଦେଖାଯିବା, ରଙ୍ଗ ଏବଂ କଣ୍ଟ୍ରାଷ୍ଟ ମଧ୍ୟରେ ପାର୍ଥକ୍ୟ ନ କରିପାରିବା, ମୁଣ୍ଡବିନ୍ଧା, ଆଖି ଲାଲ୍ ପଡ଼ିବା କିମ୍ବା ଚାପ ଅନୁଭବ ହେବା ଇତ୍ୟାଦି। ଏମିତିରେ ଠିକ୍ ସମୟରେ ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଆସନ୍ତୁ ଜାଣିବା କି, ପିଲାଙ୍କଠାରେ ସ୍ୱଳ୍ପ ଦୃଷ୍ଟିଶକ୍ତି ସମସ୍ୟାର କାରଣ କ'ଣ।

ସ୍ନାୟୁଗତ ସମସ୍ୟା: ସ୍ନାୟୁଗତ ସମସ୍ୟା କାରଣରୁ ପିଲାମାନଙ୍କଠାରେ ଦୁର୍ବଳ ଦୃଷ୍ଟିଶକ୍ତି ସମସ୍ୟା ଦେଖା ଦେଇପାରେ। ଆଖି ସହ ଜଡିତ ସ୍ନାୟୁଗୁଡ଼ିକର ଡ୍ୟାମେଜ୍ ହେଲେ ଦୃଷ୍ଟିଶକ୍ତି ଦୁର୍ବଳ ହୋଇଯାଏ।

ଆନୁବଂଶିକ ପ୍ରଭାବ: ଯଦି ପରିବାରର କୌଣସି ସଦସ୍ୟଙ୍କୁ ଭଳି ସମସ୍ୟା ରହିଥାଏ, ତ ଏହି ଆନୁବଂଶିକ କାରଣରୁ ବି ପିଲାମାନଙ୍କ ଆଖି ଦୁର୍ବଳ କ୍ଷହାଇଥାଏ। ଏହା ବ୍ୟତୀତ ଜନ୍ମଗତ ସମସ୍ୟା ଏବଂ ଆଖି ସହ ଜରିତ ସମସ୍ୟା ଯେପରି ଗ୍ଲୁକୋମା, ମୋତିଆବିନ୍ଦୁ, ରେଟିନୋବ୍ଲାଷ୍ଟୋମା ଭଳି ରୋଗ ମଧ୍ୟ ଦୃଷ୍ଟିଶକ୍ତି ଉପରେ ପ୍ରଭାବ ପକାଇଥାଏ।

ପ୍ରତିକାର

-ପିଲାମାନଙ୍କଠାରେ ଏପରି ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ଦ୍ୱାରା ଆଖି ଯାଞ୍ଚ କରେଇ ନିଅନ୍ତୁ।

-ପିଲାମାନଙ୍କର ଖାଦ୍ୟ ଏବଂ ଜୀବନଶୈଳୀରେ କିଛି ପରିବର୍ତ୍ତନ କରି ସେମାନଙ୍କ ଆଖିକୁ ସୁସ୍ଥ ରଖନ୍ତୁ।

-ଭିଟାମିନ୍ ଏ'ରେ ଭରପୂର ଜିନିଷ ଖାଇବାକୁ ଦିଅନ୍ତୁ। ଯେପରି, ସବୁଜ ପତ୍ରଯୁକ୍ତ ପନିପରିବା, ଅଣ୍ଡା, କ୍ଷୀର, ଗାଜର, ହଳଦିଆ କିମ୍ବା କମଳା ପନିପରିବା, ପାଳଙ୍ଗ, ଶାକରକନ୍ଦା, ଅମୃତଭଣ୍ଡା, ଦହି ଏବଂ ସୋୟାବିନ୍।

-ଖାଦ୍ୟରେ ଡାଲି, ଡ୍ରାଏ ଫ୍ରୁଟସ୍ ଏବଂ ମଞ୍ଜି ଖାଆନ୍ତୁ।

-ଓମେଗା ୩ରେ ଭରପୂର ଖାଦ୍ୟ ଖାଆନ୍ତୁ।

-ପଢ଼ିବା, ଲେଖି ଶୈଳୀକୁ ଠିକ୍ କରନ୍ତୁ। ଯେପରି ପିଲାକୁ ଶୋଇକି ପଢ଼ିବାକୁ ଦିଅନ୍ତୁ ନାହିଁ।

-ପଢ଼ିବା ସମୟରେ କୋଠରୀରେ ଆଲୋକ ସଠିକ୍ ରଖନ୍ତୁ।

-ପିଲାମାନଙ୍କୁ ପାଖରୁ ମୋବାଇଲ୍ ଏବଂ ଟିଭି ଦେଖିବାଠୁ ଦୂରେଇ ରଖନ୍ତୁ।

# ସ୍ୱପ୍ନ ସଙ୍କେତ; ଖୁବ୍ ଶୀଘ୍ର ହୋଇଥାଏ ଧନଲାଭ

କିଛି ସ୍ୱପ୍ନ ଖୁବ୍ ଶୁଭ। ସେଭଳି ସ୍ୱପ୍ନ ଦେଖିବା ଦ୍ୱାରା ସଫଳତା,ଯଶ ଓ ପ୍ରତିଷ୍ଠା ମିଳିଥାଏ। ଏଭଳି ସ୍ୱପ୍ନ ଭାଗ୍ୟ ବଦଳାଇଥାଏ। ସ୍ୱପ୍ନ ଶାସ୍ତ୍ରରେ ଏସବୁ ସ୍ୱପ୍ନର ସଙ୍କେତ ବିଷୟରେ ବର୍ଣ୍ଣନା କରାଯାଇଛି।



ସ୍ୱପ୍ନ ଶାସ୍ତ୍ର ଅନୁଯାୟୀ, କୌଣସି ବ୍ୟକ୍ତି ବିଶେଷ ନିଜକୁ କ୍ଷୀରରେ ସ୍ନାନ କରୁଥିବା ଦେଖିବେ ଏହାକୁ ଖୁବ ଶୁଭ ବୋଲି କୁହାଯାଏ। ଏହି ସ୍ୱପ୍ନର ଅର୍ଥ ଖୁବ ଶୀଘ୍ର ବଡ ପଦବୀ, ପ୍ରତିଷ୍ଠା ମିଳିବାର ସମ୍ଭାବନା ରହିଛି। ଖୁବ ଶୀଘ୍ର ଧନ-ବୈଭବ ପ୍ରାପ୍ତି ହେବ। ସ୍ୱପ୍ନରେ ନିଜେ ମୁଦି ପିନ୍ଧିବା ଦେଖିବା ମଧ୍ୟ ଶୁଭଙ୍କର ।ଏହି ସ୍ୱପ୍ନର ଅର୍ଥ ମା'ଲକ୍ଷ୍ମୀଙ୍କ କୃପାରୁ ଖୁବ୍ ଶୀଘ୍ର ଧନ ପ୍ରାପ୍ତି ହେବ। ସ୍ୱପ୍ନରେ କାନର ଦେଖିବା ଦ୍ୱାରା ମଧ୍ୟ ଧନପ୍ରାପ୍ତି ହୋଇଥାଏ। ନିଜେ କାନର ପିନ୍ଧୁଥିବା ଦେଖିବା ମଧ୍ୟ ଶୁଭଙ୍କରୟ କାନର ଖୁବ ଶୀଘ୍ର ଧନପ୍ରାପ୍ତି ହେବାର ସଙ୍କେତ ଦେଇଥାଏ ।ସ୍ୱପ୍ନରେ ଗୋଲାପ ଫୁଲ ଦେଖିବା ମା'ଲକ୍ଷ୍ମୀଙ୍କ କୃପା ମିଳିବାର ସଙ୍କେତ ଦେଇଥାଏ। ମା'ଲକ୍ଷ୍ମୀଙ୍କ ପଦ୍ମ ଭଳି ଗୋଲାପ ଫୁଲ ମଧ୍ୟ ଖୁବ ପ୍ରିୟ। ସ୍ୱପ୍ନରେ ଗୋଲାପ ଫୁଲ ଦେଖିବା ଦ୍ୱାରା ଖୁବ ଶୀଘ୍ର ଧନ ପ୍ରାପ୍ତି ହୋଇଥାଏ। ସ୍ୱପ୍ନରେ ନିଜେ କ୍ଷୀର ପିଉଥିବା ଦେଖିବା ମଧ୍ୟ ଶୁଭଙ୍କର। କ୍ଷୀର ସମ୍ବନ୍ଧ ଚନ୍ଦ୍ର ଓ ମା'ଲକ୍ଷ୍ମୀଙ୍କ ସହ ଜଡିତୟ ଶୁକ୍ରବାର ଏଭଳି ସ୍ୱପ୍ନ ଦେଖିବା ଅତ୍ୟନ୍ତ ଶୁଭଙ୍କର ବୋଲି କୁହାଯାଏ।

ଭାରତର ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ ଭିତରକୁ ଠେଲି ଦେଇଥିଲା କଂଗ୍ରେସ : ଧର୍ମେନ୍ଦ୍ର

# ମୋଦୀଙ୍କ ପ୍ରୟାସ ଶିକ୍ଷାକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ କରିଛି

**ଭୁବନେଶ୍ୱର, ୧୧।୧୨ (ମହାଭାରତ):** ବିଗତ ଏକ ଦଶନ୍ଧି ମଧ୍ୟରେ ଭାରତର ସାକ୍ଷରତା ହାରରେ ଉଲ୍ଲେଖନୀୟ ଅଗ୍ରଗତି ତଥା ମହିଳା ସାକ୍ଷରତା ବୃଦ୍ଧି ହେତୁ ୨୦୨୩-୨୪ ବର୍ଷରେ ଭାରତର ଗ୍ରାମୀଣ ସାକ୍ଷରତା ହାର ଯଥେଷ୍ଟ ବୃଦ୍ଧି ପାଇ ୭୭.୫ ପ୍ରତିଶତରେ ପହଞ୍ଚିଛି। ଏଥିପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂସ୍କାରମୂଳକ ପଦକ୍ଷେପ ଓ ଉଦ୍ୟମକୁ ଶ୍ରେୟ ଦେଇଛନ୍ତି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ କଂଗ୍ରେସ ଶାସନରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ଛାତ୍ରଛାତ୍ରୀମାନଙ୍କୁ ସବୁବେଳେ ଗୁଣାତ୍ମକ ଶିକ୍ଷାର ସନ୍ଧାନରେ ରହିବାକୁ ପଡୁଥିଲା। ଶିକ୍ଷା ବିଭାଗରେ ବ୍ୟାପକ ଦୁର୍ନୀତି ହେଉଥିଲା। ଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକ କିଛି ପ୍ରମୁଖ ଲୋକଙ୍କ ନିୟନ୍ତ୍ରଣରେ ରହୁଥିଲା। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଏହି କ୍ଷେତ୍ରରେ ଅନେକ ସୁଧାର ଆସିଛି। ଗ୍ରାମୀଣ ସାକ୍ଷରତା ୨୦୧୧ରେ ୬୭.୭୭% ଥିବାବେଳେ ୨୦୨୩-୨୪ରେ ଏହା ୭୭.୫% କୁ ବୃଦ୍ଧି ପାଇଛି। ସେହିପରି ମହିଳା ସାକ୍ଷରତା ୫୭.୯୩% ରୁ ୭୪.୬%କୁ ବୃଦ୍ଧି ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସଂସ୍କାର କାରଣରୁ ଏହି କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରୟାସ କେବଳ ସହରାଂଚଳରେ ନୁହେଁ ବରଂ ଦେଶର କୋଣ ଅନୁକୋଣରେ ଶିକ୍ଷାକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ କରିଛି। ଏକବିଂଶ ଶତାବ୍ଦୀରେ ଶିକ୍ଷା ବିନା ଭାରତର ଉନ୍ନତି ଅସମ୍ପୂର୍ଣ୍ଣ। କେହି ଯେପରି ପଛରେ ନ ରହିଯିବେ, ସେଥିପ୍ରତି ପ୍ରଧାନମନ୍ତ୍ରୀ ବିଶେଷ ଦୃଷ୍ଟି ଦେଉଛନ୍ତି। ତାଙ୍କର ସଂସ୍କାର ଭାରତକୁ ଏପରି ଏକ ଭବିଷ୍ୟତ ଆଡ଼କୁ ନେଉଛି, ଯେଉଁଠାରେ ଶିକ୍ଷାର କୌଣସି ସୀମା ନାହିଁ। ୭୦ ବର୍ଷ ମଧ୍ୟରେ କଂଗ୍ରେସ ଦ୍ୱାରା କେବଳ ୭ଟି ଏମ୍ସ ପ୍ରତିଷ୍ଠା ହୋଇଥିଲା। ଆଜି ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତରେ ୨୩ଟି ଏମ୍ସ ସ୍ଥାପିତ ହୋଇଛି। ୭୦୦ରୁ ଅଧିକ ମେଡିକାଲ କଲେଜ, ୫୦ ହଜାରରୁ ଅଧିକ କଲେଜ ରହିଛି।



ଏମବିବିଏସ ଓ ଆଇଆଇଟି ସିଟ୍ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି। ଏହି ସଂଖ୍ୟାଗୁଡ଼ିକ ଭାରତର ଶିକ୍ଷା କ୍ଷେତ୍ରକୁ ନୂଆ ରୂପ ଦେଇଥିବା। ପରିବର୍ତ୍ତନମୂଳକ ସଂସ୍କାରକୁ ପ୍ରତିଫଳିତ କରୁଛି। ଶିକ୍ଷା ସଂସ୍କାରରେ ବୈଷୟିକ ଜ୍ଞାନକୌଶଳ ଓ ଉଦ୍ଭାବନର ଭୂମିକାକୁ ପ୍ରଶଂସା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ପୂର୍ବରୁ ଦୁର୍ଗମ ଅଂଚଳରେ ଶିକ୍ଷା ସ୍ଥିତି ବହୁତ ଗମ୍ଭୀର ଥିଲା। କଂଗ୍ରେସ ସରକାର ସେହି ଅଂଚଳରେ ଶିକ୍ଷାର ସ୍ଥିତିକୁ ସୁଧାରିବା ପାଇଁ କୌଣସି ପ୍ରକାର ବିହିତ ପଦକ୍ଷେପ ନେଇନଥିଲେ। ମାତ୍ର ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଡିଜିଟାଲ ଇଣ୍ଡିଆ ମିଶନ, ନୂତନ ଶିକ୍ଷା ନୀତି, ବେଟି ବଚାଓ ବେଟି ପଢ଼ାଓ ଯୋଜନା, ପିଏମ ଶ୍ରୀ ଯୋଜନା, ବିଦ୍ୟାଲକ୍ଷ୍ମୀ ଯୋଜନା ଏବଂ ଉଲ୍ଲାସ ଯୋଜନା ଭଳି ପଦକ୍ଷେପ ଶିକ୍ଷା ଓ ଦକ୍ଷତା ବିକାଶକୁ ଏକ ନୂଆ ଉଚ୍ଚତାକୁ ନେଇଛି।

୨୦୧୫ରେ ଆରମ୍ଭ ହୋଇଥିବା 'ଡିଜିଟାଲ ଇଣ୍ଡିଆ ମିଶନ' ସ୍କୁଲଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଡିଜିଟାଲ ଶିକ୍ଷାକୁ ପ୍ରୋତ୍ସାହିତ କରିଛି। ସାରା ଦେଶରେ ଡିଜିଟାଲ ଭିତ୍ତିଭୂମି, ଇଂଟରନେଟ୍ ସଂଯୋଗ ଏବଂ ଇ-ଲର୍ଣ୍ଣିଂ ପ୍ଲାଟଫର୍ମ ବୃଦ୍ଧି ପାଇଁ ଅନେକ ପଦକ୍ଷେପ କାର୍ଯ୍ୟକାରୀ କରାଯାଇଛି। ଇତିମଧ୍ୟରେ 'ବେଟି ବଚାଓ ବେଟି ପଢ଼ାଓ' ଯୋଜନା କେବଳ ଶିକ୍ଷାରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରୁନାହିଁ ବରଂ ଜନ୍ମ ସମୟରେ ଜାତୀୟ ଲିଙ୍ଗ ଅନୁପାତରେ ମଧ୍ୟ ଯଥେଷ୍ଟ ଉନ୍ନତି ଆଣିଛି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାର୍ଗଦର୍ଶନରେ 'ନୂତନ ଶିକ୍ଷାନୀତି' ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରୁଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## ଆସନ୍ତା ମାସରେ ପକ୍ଷୀ ଗଣନା

**ଭୁବନେଶ୍ୱର, ୧୧।୧୨ (ମହାଭାରତ):** ଆସନ୍ତା ମାସରେ ଆରମ୍ଭ ହେବ ହେବ ପକ୍ଷୀ ଗଣନା। ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ନଭେମ୍ବର ସୁଦ୍ଧା ଓଡିଶା ଆସିଛନ୍ତି ୪ ଲକ୍ଷ ୯୪ ହଜାର ୩୬୬ ସଂଖ୍ୟକ ବିଦେଶାଗତ ପକ୍ଷୀ। କେବଳ ନଳବଣକୁ ୨ ଲକ୍ଷ ୧୭ ହଜାର ୧୭୦ ଗୋଟି ବିଦେଶାଗତ ପକ୍ଷୀ ଆସିଛନ୍ତି। ଚିଲିକା ହ୍ରଦକୁ ଶୀତ ଋତୁରେ ସାଧାରଣତଃ ବିଦେଶାଗତ ପକ୍ଷୀମାନେ ଚିଲିକାର ଚତୁଃପାର୍ଶ୍ୱରେ ଥିବା ଜଳାଶୟ ଯଥା ମଙ୍ଗଳାଯୋଡି, ଭୁଷଣ୍ଡପୁରୁ, ବାଲିପାଟପୁର, ନଇରି, ବଉଳାବନ୍ଧ, ବଡଗୋଠ, ଟୁଆଗମ୍ଭାରୀ, ଗୁରୁବାଇ, ସିପିଆ, ନଳବଣ, ମଧୁରଚୁଆ, ସମଲନାସୀ, ପାଣ୍ଡାନାସୀ, ପଂଚକୁଦୀ, ସୁନନ୍ଦା ଓ କାଲୁରୀ ଅଂଚଳରେ ଥିବା ଜଳାଶୟ ମାନଙ୍କରେ ଦେଖାଯାଇଥାନ୍ତି। ବିଦେଶାଗତ ପକ୍ଷୀମାନଙ୍କ ପାଇଁ ପ୍ରତି ବର୍ଷ ଅକ୍ଟୋବରରୁ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ୨୧ ଗୋଟି ଅସ୍ଥାୟୀ ପକ୍ଷୀ ସୁରକ୍ଷା ଶିବିର, ୨ ଗୋଟି ଭ୍ରାମ୍ୟମାଣ ଦଳ ଗଠନ କରାଯାଇ ପ୍ରତି ଶିବିରରେ ତିନି ଜଣ ସ୍ଥାନୀୟ ଯୁବକ ଏବଂ ଜଣେ ବନରକ୍ଷୀଙ୍କ ଦ୍ୱାରା ଦିବାରାତ୍ର ପ୍ରହରୀ ଦେଇ ପକ୍ଷୀ ମାନଙ୍କୁ ସୁରକ୍ଷା ଦିଆଯାଉଛି।

## ସାମୁଦ୍ରିକ ନୀତି ପ୍ରଣୟନ ନିମନ୍ତେ ବୁଝାମଣା

**ଭୁବନେଶ୍ୱର, ୧୧।୧୨ (ମହାଭାରତ):** ଏକ ପ୍ରଭାବୀ ଓ ଫଳପ୍ରଦ ସାମୁଦ୍ରିକ ନୀତି ପ୍ରଣୟନ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନସ୍ଥ ବନ୍ଦର ଓ ଆଭ୍ୟନ୍ତରୀଣ ଜଳପଥ ନିର୍ଦ୍ଦେଶାଳୟ ଓ ଆଇଆଇଟି, ମାଡ୍ରାସସ୍ଥିତ ବନ୍ଦର, ଜଳପଥ ଓ ଉପକୂଳ ନିମନ୍ତେ ଜାତୀୟ ବୈଷୟିକ କେନ୍ଦ୍ର (ନ୍ୟାସନାଲ ଟେକ୍?ନୋଲୋଜି ସେଂଟର ଫର ପୋର୍ଟସ, ୱାଟରୱେଜ୍ ଆଣ୍ଡ କୋଷ୍ଟସ୍) ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଉଦ୍ଦେଶ୍ୟରେ ଆୟୋଜିତ ଏକ ପ୍ରାଥମିକ ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଉପସ୍ଥିତ ରହି ଏକ ସମୃଦ୍ଧ ତଥା ଉପଯୋଗୀ ସାମୁଦ୍ରିକ ନୀତି ପ୍ରଣୟନ ଉପରେ ଓଡ଼ିଶାର ଅର୍ଥନୈତିକ ବିକାଶ ନିର୍ଭର କରେ ବୋଲି ଉଲ୍ଲେଖ କରିଥିଲେ।

ବୈଠକରେ ନ୍ୟାସନାଲ ଟେକ୍ନୋଲୋଜି ସେଂଟର ଫର ପୋର୍ଟସ, ୱାଟରୱେଜ୍ ଆଣ୍ଡ କୋଷ୍ଟସର ଡିନ୍ ପ୍ରଫେସର କନ୍ତରାଜ ମୁରଲୀ ଦୃଶ୍ୟଶ୍ରାବ୍ୟ ଉପସ୍ଥାପନା ମାଧ୍ୟମରେ ସାମୁଦ୍ରିକ ନୀତି ପ୍ରଣୟନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବୈଠକରେ ଉପସ୍ଥିତ ବିଭିନ୍ନ ଅଂଶୀଦାରମାନଙ୍କ ନିକଟରୁ ମତାମତ, ପ୍ରସ୍ତାବ ଓ ପରାମର୍ଶ ଇତ୍ୟାଦି ଆମନ୍ତ୍ରଣ କରାଯାଇଛି। ନୀତି ପ୍ରଣୟନ ବାବଦରେ ବିଭିନ୍ନ ସୂଚନା ମଧ୍ୟ ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରେ ବିତରଣ କରାଯାଇଥିଲା। ଏହି ସୂଚନା ଆଧାରରେ ଅଂଶୀଦାରମାନେ ମତାମତ ଦେବାକୁ ବୈଠକରେ ଅନୁରୋଧ କରାଯାଇଛି। ବୈଠକରେ ବିଭିନ୍ନ ସରକାରୀ ବିଭାଗର ପଦାଧିକାରୀ, ପରିବହନ ତଥା ସାମୁଦ୍ରିକ ବାଣିଜ୍ୟ ବିଶେଷଜ୍ଞ, ବନ୍ଦର ପରିଚାଳକ ଏବଂ ବୋଟ୍ ମାଲିକ ସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଦଧିବାମନ ଉପାସନା ଆଲୋଚନାଚକ୍ର



**ଭୁବନେଶ୍ୱର, ୧୧।୧୨ (ମହାଭାରତ):** ପୂଜ୍ୟପୂଜା ଓଡ଼ିଶା ଓ ଆଧ୍ୟାତ୍ମିକ ପତ୍ରିକା 'ମୁକ୍ତିଦର୍ଶନ' ପକ୍ଷରୁ ଦଧିବାମନ ଉପାସନା ଶୀର୍ଷକ ଆଲୋଚନାଚକ୍ର ଓଡ଼ିଶା ଲେଖକ ସମବାୟ ସମିତି ପରିସରରେ ବିରଜା ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଓ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ସାହିତ୍ୟିକ ପ୍ରଫେସର ଡକ୍ଟର ପ୍ରଫୁଲ୍ଲ କୁମାର ରଥ ଯୋଗଦାନ କରି କହିଲେ ଯେ ଦଧିବାମନ ଉପାସନା ଅତ୍ୟନ୍ତ ପ୍ରାଚୀନ ଓ ସାରଳା ଦାସଙ୍କ ମହାଭାରତରେ ତାଙ୍କର ସ୍ୱରୂପ ସଂପର୍କରେ ବିସ୍ତୃତ ବର୍ଣ୍ଣନା ରହିଛି। ଓଡ଼ିଶାରେ ଅନେକ ଦଧିବାମନ ମନ୍ଦିର ରହିଛି। ତନ୍ମଧ୍ୟରୁ ବରଗଡ ଜିଲ୍ଲାର ଭଟିଲିସ୍ଥିତ ମନ୍ଦିର ସର୍ବ ପୁରାତନ ବୋଲି ଗବେଷକମାନେ ମତ ଦେଇଥାନ୍ତି। ଏହି ଆଲୋଚନାରେ ବିନୋଦ ବିହାରୀ ମହାନ୍ତି, ତପନ କୁମାର ବାରିକ, ମିନତୀ ଷଡ଼ଙ୍ଗୀ, ଡକ୍ଟର ଆରତି କର, ଡକ୍ଟର ସିଦ୍ଧାର୍ଥ କାନୁନ୍‌ଗୋ, କୈଳାସ ରଥ, ଶ୍ରୀବାସ ମହାପାତ୍ର ଓ ରାମନାରାୟଣ ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ସମ୍ପାଦକ ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟପାଳଙ୍କ ସହ ଗୋଆ ଗଣମାଧ୍ୟମ ପ୍ରତିନିଧିଙ୍କ ଆଲୋଚନା



**ଭୁବନେଶ୍ୱର, ୧୧।୧୨ (ମହାଭାରତ):** ଗୋଆ ସୂଚନା ଓ ପ୍ରସାରଣ ବିଭାଗର ନିର୍ଦ୍ଦେଶକ ଦୀପକ ବନ୍ଦେରକରଙ୍କ ନେତୃତ୍ୱରେ ଓଡ଼ିଶା ପରିଦର୍ଶନରେ ଆସିଥିବା ଗୋଆର ଗ୍ରାମାଞ୍ଚଳ ଗଣମାଧ୍ୟମ ପ୍ରତିନିଧି ଦଳ ରାଜ୍ୟପାଳ ରଘୁବର ଦାସଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଗୋଆ ପ୍ରତିନିଧି ଦଳଙ୍କୁ ସ୍ୱାଗତ କରି ଶୁଭେଚ୍ଛା ଜଣାଇବା ସହ ଓଡ଼ିଶା ଓ ଗୋଆର ସାଂସ୍କୃତିକ ଐତିହ୍ୟ ଓ ପର୍ଯ୍ୟଟନ ବିଭବ ସଂପର୍କରେ ଆଲୋଚନା କରିଥିଲେ। ରାଜ୍ୟପାଳ ଶ୍ରୀ ଦାସ କହିଥିଲେ ଯେ, ଓଡ଼ିଶା ପରି ପବିତ୍ର ଭୂମିର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ପର୍ଯ୍ୟଟନ ସଂପର୍କରେ ସେମାନେ ଜାଣି ଗୋଆ ଲୋକମାନଙ୍କୁ ଏସଂପର୍କରେ ଜଣାଇବାକୁ ଅନୁରୋଧ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ "ଏକ ଭାରତ, ଶ୍ରେଷ୍ଠ ଭାରତ" କାର୍ଯ୍ୟକ୍ରମ ସଂପର୍କରେ ଅବତାରଣା କରି କହିଥିଲେ ଯେ ବିଭିନ୍ନତା ମଧ୍ୟରେ ଏକତା ହେଉଛି ଭାରତର ଅନନ୍ୟ ସୌନ୍ଦର୍ଯ୍ୟ। ଭାରତରେ ଅଂଚଳ ଅନୁଯାୟୀ ରୀତିନୀତି, ଚଳଣୀ, ପରମ୍ପରା, ଭାଷା ଅଲଗା ହେଲେ ମଧ୍ୟ ଭାରତ ଏକତା ସୂତ୍ରରେ ବାନ୍ଧି ହୋଇ ରହିଛି। ଉଭୟ ରାଜ୍ୟ ମଧ୍ୟରେ ଥିବା ସାମଞ୍ଜସ୍ୟ ସଂପର୍କରେ ଆଲୋକପାତ କରି ଗୋଆ ପ୍ରତିନିଧି ଦଳଙ୍କର ଓଡ଼ିଶା ପରିଦର୍ଶନ ଓଡ଼ିଶା ଓ ଗୋଆ ମଧ୍ୟରେ ସଂପର୍କ ସୁଦୃଢ଼ କରିବ ବୋଲି ରାଜ୍ୟପାଳ ଶ୍ରୀ ଦାସ କହିଥିଲେ। ଏହି ଅବସରରେ ଗୋଆରୁ ଆସିଥିବା ପ୍ରତିନିଧିମାନେ ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଉପସ୍ଥିତ ଥିଲେ।

## ଉପକୂଳ ପରିବେଶ ସୁରକ୍ଷା ଉପରେ କର୍ମଶାଳା

**ଭୁବନେଶ୍ୱର, ୧୧।୧୨ (ମହାଭାରତ):** ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପରିବେଶ ଓ ଓଡ଼ିଶାର ତଟ ସମ୍ପର୍କିତ ଏକ କର୍ମଶାଳା ଜୈବ ପ୍ରଯୁକ୍ତି ବିଦ୍ୟା, ରାଜନୀତି ବିଜ୍ଞାନ ବିଭାଗ ଓ ଓଡ଼ିଆ ପରିବେଶ କଂଗ୍ରେସର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀଙ୍କ ମାଗଦର୍ଶନରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ବିନାୟକ ରଥ। ଓଡ଼ିଶା ପରିବେଶ କଂଗ୍ରେସ ର ୧୫ ତମ ଅଧିବେଶନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରେ ଅନୁଷ୍ଠିତ ହେବ ଡିସେମ୍ବର ୨୦, ୨୧ ଓ ୨୨ ତାରିଖରେ। ଚଳିତ ବର୍ଷର ବିଷୟବସ୍ତୁ ରହିଛି ପରିବେଶ ଓ ଉପକୂଳ। ଏହାର ଅବ୍ୟବହିତ ପୂର୍ବରୁ ଏହି କର୍ମଶାଳା ରମାଦେବୀ ବିଶ୍ୱବିଦ୍ୟାଳୟରେ ଆଜି ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଡ ବିନାୟକ ରଥ ଓଡ଼ିଶାର ତଟବର୍ତ୍ତୀ ଅଞ୍ଚଳ ପ୍ରତି ଆହ୍ୱାନ ଉପରେ ବିସ୍ତୃତ ଆଲୋଚନା କରିବା ସହ ତଟବର୍ତ୍ତୀ ରାଜପଥ ଚିଲିକା ପ୍ରତି ବିପଦ ସୃଷ୍ଟି କରିବ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପରିବେଶବିତ ପ୍ରଫେସର୍ ଜୟକୃଷ୍ଣ ପାଣିଗ୍ରାହୀ ଓଡ଼ିଶାର ପରିବେଶ ତଥା ତଟବର୍ତ୍ତୀ ଲୋକଙ୍କର ଜଳବାୟୁ ପରିବର୍ତ୍ତନ ଦ୍ୱାରା କିପରି ପ୍ରଭାବିତ ହେଉଛନ୍ତି ତାହାର ବିସ୍ତୃତ ବର୍ଣ୍ଣନା କରିଥିଲେ।



ଓଡ଼ିଶା ପରିବେଶ କଂଗ୍ରେସର ସାଂଗଠନିକ ସମ୍ପାଦକ ସୁଦର୍ଶନ ଦାସ ଓଡ଼ିଶା ପରିବେଶ କଂଗ୍ରେସର ଦୀର୍ଘ ୧୪ ବର୍ଷର ଯାତ୍ରା ବିଷୟରେ ଆଲୋକପାତ କରିବା ସହିତ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଫେସର୍ ମାନସ ବେହେରା ସ୍ୱାଗତ ଭାଷଣ ଦେବା ସହ ବିଷୟ ଉପରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସ୍ନାତୋକତ୍ତର ପରିଷଦର ଅଧ୍ୟକ୍ଷା ପ୍ରଫେସର୍ ସସ୍ମିତା ମହାନ୍ତି ନିଜସ୍ୱ ବକ୍ତବ୍ୟ ପରିବେଶ ସୁରକ୍ଷା ଉପରେ ପ୍ରଦାନ କରିଥିଲେ। ଓଡ଼ିଶା ପରିବେଶ କଂଗ୍ରେସର ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ପରିବେଶ ସୁରକ୍ଷାରେ ଆଗାମୀ ଯୁବ ପିଢ଼ିର ଭୂମିକା ଉପରେ ଆଲୋଚନା କରିଥିଲେ। ପ୍ରଫେସର୍ ରାଜ କୁମାର ଯୋଶୀ ତଟ ସୁରକ୍ଷା ଓ ପରିବେଶ ସନ୍ତୁଳନ ଓଡ଼ିଶାର ବିକାଶ ପାଇଁ ଗୁରୁତ୍ୱ ପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ବସନ୍ତ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଛାତ୍ରୀମାନେ ବିପୁଳ ସଂଖ୍ୟାରେ ଅଂଶ ଗ୍ରହଣ କରିଥିଲେ। ପ୍ରଫେସର ମନ୍ମଥ କୁଣ୍ଡୁ, ନିରଦ୍ ବରଣ ଖୁଂଟିଆ, ବିଭୀଷଣ ନାୟକ, ମନୋରଞ୍ଜନ ମିଶ୍ର, ମନୋଜ ବାରିକ ପ୍ରମୁଖ ଯୋଗ ଦେଇଥିବା ବେଳେ ଅଧ୍ୟାପିକା ସୁଜାତା ମହାନ୍ତି, ଏଲିନା ଜ୍ୟୋତି ପ୍ରମୁଖ କର୍ମଶାଳା ପରିଚାଳନାରେ ଅଂଶ ଗ୍ରହଣ କରିଥିଲେ।

## ରେଳବାଇ ପକ୍ଷରୁ ଯୌନ ନିର୍ଯାତନା ବିରୋଧରେ କର୍ମଶାଳା

**ଭୁବନେଶ୍ୱର, ୧୧।୧୨ (ମହାଭାରତ):** କର୍ମକ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ ନିର୍ଯ୍ୟାତନା ନିବାରଣ ସପ୍ତାହରେ ପୂର୍ବତଟ ରେଳପଥ ପକ୍ଷରୁ ଏକ ଏନଜିଓ ପରିଚାଳିତ ଜେଣ୍ଡର ରିସୋର୍ସ ସେଣ୍ଟର 'ଅସ୍ତିତ୍ୱ' ସହ ମିଳିତ ସହଯୋଗରେ କର୍ମକ୍ଷେତ୍ରରେ ହେଉଥିବା ନିର୍ଯାତନାକୁ ଦୂର କରିବା ପାଇଁ ଏକ ସୂଚନାପୂର୍ଣ୍ଣ ତଥା ଆକର୍ଷଣୀୟ କର୍ମଶାଳା ଆୟୋଜନ କରାଯାଇଥିଲା। ସୋମବାର ଦିନ ଅନୁଷ୍ଠିତ ଏହି କର୍ମଶାଳା ୯ ଡିସେମ୍ବରରେ କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା (ପ୍ରତିରୋଧ, ନିଷେଧାଦେଶ ଏବଂ ପୁନଃନିର୍ମାଣ) ଆଇନ ଘୋଷଣାକୁ ସ୍ମରଣୀୟ କରିବା ପାଇଁ ଆୟୋଜିତ ହୋଇଥିଲା। କର୍ମକ୍ଷେତ୍ରରେ ମହିଳାମାନଙ୍କ ପାଇଁ ଏକ ନିରାପଦ ତଥା ସମ୍ମାନଜନକ ପରିବେଶ ସୃଷ୍ଟି କରିବାର ମହତ୍ୱ ବିଷୟରେ ପୂର୍ବତଟ ରେଳପଥର ଅତିରିକ୍ତ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ ଡକ୍ଟର ଶ୍ରୀମତୀ ଏସ୍ ଏସ୍ ରାୟ ଉଦଘାଟନ କରିଥିଲେ। ଯୌନ ଉତ୍ପୀଡ଼ନ ଅଭିଯୋଗର ସମାଧାନ ସହ ଜଡିତ ଆଇନଗତ ପ୍ରକ୍ରିୟାକୁ ଗୁରୁତ୍ୱ ଦେଇ ଡକ୍ଟର ରାୟ POSH ଆକ୍ଟ ୨୦୧୩ ର ମୁଖ୍ୟ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। କର୍ମଶାଳାର ମୂଳ ଉଦ୍ଦେଶ୍ୟ ଥିଲା ମହିଳା କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ସମ୍ପୃକ୍ତ ଆଇନ ଏବଂ ନିର୍ଦ୍ଦେଶାବଳୀ ଗୁଡିକର ପ୍ରଭାବଶାଳୀ କାର୍ଯ୍ୟକାରିତା ଉପରେ ଅତ୍ୟାବଶ୍ୟକ ଜ୍ଞାନ ସମ୍ବନ୍ଧରେ ସୂଚନା ତଥା ସଶକ୍ତ କରିବା ଅଭିଯୋଗକୁ କିପରି ସଠିକ୍ ଭାବରେ ପରିଚାଳନା କରାଯିବ ଏବଂ ଏକ ସକରାତ୍ମକ ଏବଂ ନିରାପଦ କାର୍ଯ୍ୟ ପରିବେଶ ବଜାୟ ରଖିବାରେ ଅଧିକାରୀ, ସଦସ୍ୟ ଏବଂ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ର ଚେୟାରମ୍ୟାନ୍ ମାନଙ୍କୁ ସାହାଯ୍ୟ କରିବାକୁ ଏହା ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା (ପ୍ରତିରୋଧ, ନିଷେଧାଦେଶ ଏବଂ ପୁନଃନିର୍ମାଣ) ଅଧିନିୟମ, ୨୦୧୩ ଅନୁଯାୟୀ ବର୍ଣ୍ଣିତ ବାଧ୍ୟତାମୂଳକ ଆବଶ୍ୟକତାକୁ ମଧ୍ୟ କର୍ମଶାଳାରେ ସମ୍ବୋଧିତ କରାଯାଇଥିଲା, ଯାହା ନିଶ୍ଚିତ କରେ ଯେ ସମସ୍ତ ଅଂଶଗ୍ରହଣକାରୀ ଏଥିରେ ଅଦ୍ୟତନ ସୂଚନା ପାଇଛନ୍ତି କର୍ମକ୍ଷେତ୍ରରେ ଯୌନ ଉତ୍ପୀଡ଼ନକୁ ବନ୍ଦ କରିବା ପାଇଁ ଆଇନଗତ ଢାଞ୍ଚା। ଆଇନ ଅନୁଯାୟୀ ଅଭିଯୋଗଗୁଡିକ କିପରି ପରିଚାଳନା ଏବଂ ସମାଧାନ କରାଯିବ।

## ୱେଭ୍ସ ଏବଂ କ୍ରିଏଟ୍ ଇନ୍ ଇଣ୍ଡିଆ ଚାଲେଞ୍ଜ ସଚେତନତା

**ଭୁବନେଶ୍ୱର, ୧୧।୧୨ (ମହାଭାରତ):** ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର ପକ୍ଷରୁ ଆଇଆଇଟି ଭୁବନେଶ୍ୱର ପରିସରରେ ୱାର୍ଲ୍ଡ ଅଡିଓ ଭିଜୁଆଲ ଏଣ୍ଡ ଏଣ୍ଟରଟେନମେଣ୍ଟ ସମ୍ମିଟ୍ (ୱେଭ୍ସ) ଏବଂ କ୍ରିଏଟ୍ ଇନ୍ ଇଣ୍ଡିଆ ଚାଲେଞ୍ଜକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଏବଂ ରୋଡ ଶୋ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯାଇଛି।



ଏହି ଅବସରରେ ଆୟୋଜିତ ସଭାରେ ଯୋଗଦେଇ ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ଶ୍ରୀପଦ କର୍ମାଲକର କହିଛନ୍ତି, ଭାରତ ସମେତ ସାରା ବିଶ୍ୱରେ ମନୋରଞ୍ଜନ, ଆନିମେସନ ଏବଂ ଗେମିଂ ଭଳି ଶିଳ୍ପର ବିସ୍ତାର ହେଉଛି। ଆମ ସମସ୍ତଙ୍କ ମୋବାଇଲରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ସାମ୍ପ୍ରତିକ ସମୟରେ ଡିଜାଇନ, ଚଳଚ୍ଚିତ୍ର ନିର୍ମାଣ, ଆନିମେସନ ଏବଂ ଗେମିଂ କ୍ଷେତ୍ରରେ ନୂଆ ପାଠ୍ୟକ୍ରମ ମଧ୍ୟ ପ୍ରଚଳିତ ହେଲାଣି। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ୱେଭ୍ସ କାର୍ଯ୍ୟକ୍ରମ ଭାରତକୁ ବିଶ୍ୱ ଗଣମାଧ୍ୟମ ଓ ମନୋରଞ୍ଜନ ପରିଦୃଶ୍ୟରେ ଶୀର୍ଷରେ ରଖିବା ଲକ୍ଷ୍ୟ ନେଇ ଆୟୋଜିତ ହେଉଛି। ଏହା ଆମ ସମସ୍ତଙ୍କ ପାଇଁ ଅଂଶଗ୍ରହଣ ଏବଂ ସଚେତନତା ସୃଷ୍ଟି ଲାଗି ଏକ ଭଲ ସୁଯୋଗ ଆଣିଛି। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଂଚାର ବ୍ୟୁରୋ(ସିବିସି)ର ନିର୍ଦ୍ଦେଶକ ଡକ୍ଟର ଗିରିଶ ଚନ୍ଦ୍ର ଦାଶ କହିଛନ୍ତି, ବର୍ତ୍ତମାନର କେନ୍ଦ୍ର ସରକାର ନୂଆ ଉଦ୍ଭାବନ, ବିଜ୍ଞାନ, ପ୍ରଯୁକ୍ତି, ରାଜନୀତି ଏବଂ ଅର୍ଥବ୍ୟବସ୍ଥା ଆଦି ପ୍ରତ୍ୟେକ କ୍ଷେତ୍ରରେ ଭାରତକୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରାଇବାକୁ ଚାହୁଁଛନ୍ତି। ସରକାର ସୃଜନଶୀଳତା କ୍ଷେତ୍ରରେ ମଧ୍ୟ ଭାରତକୁ ପ୍ରତିଷ୍ଠିତ କରିବାକୁ ଚାହୁଁଛନ୍ତି ଯାହାଦ୍ୱାରା ଭାରତ 'ବିଶ୍ୱଗୁରୁ' ମାନ୍ୟତା ହାସଲ କରିପାରିବ। ଏହି ଲକ୍ଷ୍ୟ ନେଇ ଆସନ୍ତା ଫେବୃଆରୀରେ ୱେଭ୍ସ ସମ୍ମିଳନୀ ଆୟୋଜନ କରାଯିବ।

## ଧାନ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା ନେଇ ବୁଝାମଣା

**ଭୁବନେଶ୍ୱର, ୧୧।୧୨ (ମହାଭାରତ):** କୃଷି ଭବନରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଆଇଆରଆରଆଇ, ଆଇସିଆରଆଇଏସଏଟି, ଆଇସିଏଆରଡ଼ିଏ, ଏମଏସଏସଆରଏଫ ଓ ଏଏଫସି ଇଣ୍ଡିଆ ଲିମିଟେଡ଼ ମଧ୍ୟରେ ଧାନ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା ନେଇ ୫ଟି ଅନୁଷ୍ଠାନ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ହୋଇଥିଲା। ରାଜ୍ୟରେ ପ୍ରାୟ ଅବ୍ୟବହୃତ ପ୍ରାୟ ୧୬ ଲକ୍ଷ ହେକ୍ଟର ଧାନ ପରବର୍ତ୍ତୀ ପଡ଼ିଆ ଜମି ଥିବାବେଳେ ଏହାର ସଦ୍‌ବ୍ୟବହାର ଏବଂ ମାଟିର ଉର୍ବରତା ହ୍ରାସକୁ ଦୃଷ୍ଟିରେ ରଖି କୃଷି ବିଭାଗ ୨୦୨୨-୨୩ ବର୍ଷରେ ୭୦ ହଜାର ହେକ୍ଟର ଜମିରେ ଧାନ ପରବର୍ତ୍ତୀ ପଡ଼ିଆ ଜମି ମ୍ୟାନେଜମେଣ୍ଟ ଆରମ୍ଭ କରିଥିଲେ। ଧାନ ଫସଲ ପରେ ମାଟିରେ ଥିବା ଆର୍ଦ୍ରତାକୁ ବ୍ୟବହାର କରି ଏଥିରେ ସ୍ୱଳ୍ପ ଅବଧିରେ ଫଳୁଥିବା ଡାଲି ଜାତୀୟ ଶସ୍ୟ ଯଥା ମଶୁର ଡାଲି, ମଟର ଇତ୍ୟାଦି ଏବଂ ତୈଳଜାତୀୟ ଶସ୍ୟ ଯଥା ସୋରିଷ ଇତ୍ୟାଦିର ଉତ୍ପାଦନ କରି ମାଟିର ଉର୍ବରତା ବଜାୟ ରଖାଯାଇ ପାରିବ। ପ୍ରଥମ ବର୍ଷର ସଫଳତାକୁ ଆଧାର କରି ୨୦୨୩-୨୪ ବର୍ଷରେ ୩.୯ ଲକ୍ଷ ହେକ୍ଟର ଜମିରେ ଏହାକୁ କରାଯାଇଥିଲା। ଚଳିତ ବର୍ଷ ୪.୫୫ ଲକ୍ଷ ହେକ୍ଟର ଜମିରେ ଏହାକୁ କାର୍ଯ୍ୟକାରୀ କରାଯିବା ନେଇ ଲକ୍ଷ୍ୟ ରହିଛି। ଏଥିରେ ପ୍ରାୟ ୫ ଲକ୍ଷ୍ୟ ଚାଷୀ ଉପକୃତ ହେବେ। ଏଥିନିମନ୍ତେ, ୩.୪୫ଲକ୍ଷ ହେକ୍ଟର ଜମି ରାଜ୍ୟ ତରଫରୁ ସିଆରଏଫଏମ ଯୋଜନା ଅଧୀନରେ ଓ ୧.୧୦ ଲକ୍ଷ ହେକ୍ଟର ଜମି କେନ୍ଦ୍ର ସରକାରଙ୍କ ତରଫରୁ ଟିଆରଏଫଏ – ତୈଳବୀଜ ଯୋଜନା ମିଳୁଥିବା ଅନୁଦାନ ଅନ୍ତର୍ଭୁକ୍ତ ଅଟେ। ଏହି ପ୍ରକଳ୍ପକୁ ସଫଳ କରିବା ପାଇଁ କୃଷି ବିଭାଗ ଆଇଆରଆରଆଇ, ଆଇସିଆର ଆଇଏସଏଟି, ଆଇସିଏଆରଡ଼ିଏ, ଏମଏସଏସଆରଏଫ ଓ ଏଏଫସି ଇଣ୍ଡିଆ ଲିମିଟେଡ଼ ଭଳି ପ୍ରସିଦ୍ଧ ଅନ୍ତର୍ଜାତୀୟ ତଥା ଜାତୀୟ ଅନୁଷ୍ଠାନ ସହ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି। ରାଜ୍ୟ ସରକାରଙ୍କ ତରଫରୁ ପ୍ରାୟ ୨ଲକ୍ଷ ହେକ୍ଟର ଅମ୍ଳୀୟ ଅଞ୍ଚଳରେ ମାଟିର ସ୍ୱାସ୍ଥ୍ୟ ଏବଂ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ପାଇଁ ଡୋଲୋମିଟିକ୍ ଚୂନ ପଥର ଯୋଗାଇ ଦିଆଯାଉଛି। ପ୍ରକଳ୍ପର ଅବସ୍ଥିତି ଓ ଅଗ୍ରଗତି ପରୀକ୍ଷଣ ନିମନ୍ତେ ରିଅଲ ଟାଇମ ମନିଟରିଂ ସିଷ୍ଟମର ବ୍ୟବହାର କରାଯିବ।




## ଭାଷା ଏବଂ ଓଡ଼ିଶୀ ସଙ୍ଗୀତ ଶାସ୍ତ୍ରୀୟତା ପାଇଁ ଆଲୋଚନାଚକ୍ର

**ଭୁବନେଶ୍ୱର, ୧୧।୧୨ (ମହାଭାରତ):** ଭାଷା ଭିତ୍ତିକ ରାଜ୍ୟ ଭାବରେ ଓଡ଼ିଶା ଗଠନ ହୋଇଥିଲେ ସୁଦ୍ଧା ଆମେ କେହି ଆମ ଭାଷା ପ୍ରତି ସଚେତନ ହେଉନାହିଁ। ୧୯୪୮ର ପ୍ରସ୍ତାବ ୧୯୫୪ରେ ଭାଷା ଆଇନ୍ ପ୍ରଣୟନ ହୋଇଥିଲେ ସୁଦ୍ଧା ୧୯୬୩ରେ ଭାଷା ଆଇନ୍ ସଂଶୋଧନ ସମୟରେ ବିଧାନସଭାରେ ମୁଁ ସ୍ପଷ୍ଟ କରିଥିଲି କି ଓଡ଼ିଆ ଭାଷାର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉ। ଭାଷା ଆଇନକୁ ସମସ୍ତେ ଏପରିକି ବିଧାନସଭାର ସମସ୍ତ କାର୍ଯ୍ୟ ଓଡ଼ିଆରେ କରାଯାଉ। ଷଷ୍ଠ ରାଜ୍ୟ ପୁସ୍ତକ ମହୋତ୍ସବ ୨୦୨୪ ର ଚତୁର୍ଥ ସନ୍ଧ୍ୟାରେ ଭାଷା ଆନ୍ଦୋଳନ, ଓଡ଼ିଶା ତରଫରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ପଦ୍ମଚରଣ ନାୟକ ନିଜର ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରାକ୍ତନ ଅଧ୍ୟାପକ ତଥା ଭାରତ ସରକାରଙ୍କ ନିର୍ବାଚନ କମିଶନଙ୍କ ପରାମର୍ଶଦାତା ଡ଼ ଭଗବାନ ପ୍ରକାଶ ୯ଗୋଟି ସୂତ୍ର ବିଷୟରେ ଆଲୋଚନା କରିଥିଲେ। ଭାଷାର ସୀମା ରହିବା ଉଚିତ ନୁହେଁ, ଆମେ ଆମର ଭାଷା ଉପରେ ଗୁରୁତ୍ୱ ଦେବା ସହିତ ଯୋଗାଯୋଗ ପାଇଁ ବିଭିନ୍ନ ଭାଷା ଜାଣିବାର ଅବଶ୍ୟକରେ ମଧ୍ୟ ରହିଛି ବୋଲି ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ସାତକଡ଼ି ହୋତା ସ୍ମୃତି କମିଟିର ଅଧ୍ୟକ୍ଷ ଡ଼ ଅଶୋକ ମହାପାତ୍ର ତାଙ୍କର ବକ୍ତବ୍ୟ ରଖିଥିଲେ।

ଭାଷା ପାଇଁ ଗଣ ଓ ଗଣମାଧ୍ୟମ ଶୀର୍ଷକ ଆଲୋଚନା ପାଇଁ ପୁସ୍ତକ ମେଳାର ସାତକଡ଼ି ହୋତା ସଭାମଞ୍ଚରେ ଭାଷା ଆନ୍ଦୋଳନ ଓଡ଼ିଶା ତରଫରୁ ଆୟୋଜିତ ଏହି ସଭାର ପ୍ରଥମ ଅଧିବେଶନରେ ମୁଖ୍ୟ ପ୍ରସଙ୍ଗ ଭାଷା ଶାସ୍ତ୍ରୀୟ, ନୃତ୍ୟ ଶାସ୍ତ୍ରୀୟ, ସଙ୍ଗୀତ ଶାସ୍ତ୍ରୀୟ କିପରି ନୁହେଁ ବୋଲି ଆଲୋଚନାରେ ସମସ୍ତ ବିଷୟ ଉପରେ ଆଲୋଚନା କରିଥିଲେ। ଆଲୋଚନାର ପ୍ରଥମ ଅଧିବେଶନର ବିଷୟବସ୍ତୁ ରହିଥିଲା, ଭାଷା ଗରିମାମୟ, ମାଧ୍ୟମ ଦୁର୍ବଳ କାହିଁକି ?

ଆଲୋଚନାରେ ଭାଗ ନେଇଥିଲେ କବି ଓ ସାହିତ୍ୟିକା ଶୁଭଶ୍ରୀ ଲେଙ୍କା, ସ୍ତମ୍ଭକାର ଓ କଣ୍ଠଶିଳ୍ପୀ ଛନ୍ଦା ମିଶ୍ର, ଲେଖିକା ତଥା ସ୍ତମ୍ଭକାର ମୀରା ବେଉରା ଏବଂ ଅଧ୍ୟାପିକା ସଙ୍ଗୀତା ଦାସ। ଓଡ଼ିଆ ଭାଷାର ବ୍ୟବହାର, ପ୍ରଚାର ଏବଂ ପ୍ରସାରକୁ ନେଇ ଗଣମାଧ୍ୟମର କଣ ଭୂମିକା ରହୁଛି, ଆମ ଓଡିଶୀ ସଙ୍ଗୀତ ଶାସ୍ତ୍ରୀୟ ମାନ୍ୟତା ପାଇବା, ଭାଷାରେ ଆଞ୍ଚଳିକ ଓ ଉପଭାଷାର ମିଶ୍ରଣର ପ୍ରଭାବ ଉପରେ ପଶ୍ନୋତ୍ତର ମାଧ୍ୟମରେ ଅଧିବେଶନକୁ ସଂଚାଳନା କରିଥିଲେ ସ୍ତମ୍ଭକାର ଶ୍ରୁତକୀର୍ତ୍ତି ତ୍ରିପାଠୀ।

ସରକାର ୪୯୬ ଜଣ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ଦେବେବୋଲି ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ସେଥିପାଇଁ ବର୍ତ୍ତମାନ ସରକାରଙ୍କୁ ଧନ୍ୟବାଦ ବୋଲି ଶାନ୍ତିନିକେତନର ଓଡ଼ିଆ ପ୍ରଫେସର ଇନ୍ଦ୍ରମଣି ସାହୁ ପ୍ରକାଶ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଭାଷା ଆଇନ କଥା ଆଲୋଚନା କଲାବେଳେ ଆମେ ଚିନ୍ତା କରିବା କି ଆମର ପୂର୍ବଜ ମାନେ କଣ ଭାଷା ପାଇଁ ଆଇନର ସହାୟତା ନେଉଥିଲେ, କେଉଁ ଅବହମନକାଳରୁ ଆମର ଭାଷା ପରିପୃଷ୍ଟ କାହିଁ କେଉଁ କାଳରୁ ଆମ ଭାଷାର ସ୍ଥିତି ରହିଛି ଆଉ ରହିବ ମଧ୍ୟ ବୋଲି ବରିଷ୍ଠ ସାମ୍ବାଦିକ ତଥା ଏନଏନ ଏସର ପ୍ରତିଷ୍ଠାତା ଶ୍ରୀରାମ ଦାସ ଏବଂ ଟାଇମ୍ସ ଅଫ ଇଣ୍ଡିଆର ପ୍ରାକ୍ତନ ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ ନିଜର ବକ୍ତବ୍ୟ ରଖିଥିଲେ। ଭାଷା ଆନ୍ଦୋଳନ, ଓଡ଼ିଶାର ଆବାହକ ପବିତ୍ର ମହାରଥା ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପସଭାପତି ସାରଦା ପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଓମଫେଡ୍ ସହ ୨.୨୬ଲକ୍ଷ ଦୁଗ୍ଧଚାଷୀ ଅନୁବନ୍ଧିତ

**ଭୁବନେଶ୍ୱର, ୧୧।୧୨ (ମହାଭାରତ):** ଓମଫେଡ୍ ସହିତ ଓଡିଶାର ମୋଟ୍ ୨,୨୬,୯୧୪ ଦୁଗ୍ଧଚାଷୀ ଅନୁବନ୍ଧିତ ଥିବାବେଳେ ସେମାନଙ୍କ ନିକଟରେ ୪ଲକ୍ଷରୁ ଅଧିକ ଦୁଗ୍ଧ ଉତ୍ପାଦନକାରୀ ପ୍ରାଣୀ ରହିଛନ୍ତି। ଜଗତ୍‌ସିଂହପୁର ଜିଲ୍ଲାରେ ସର୍ବାଧିକ ଅନୁବନ୍ଧିତ ଦୁଗ୍ଧଚାଷୀ ଥିବାବେଳେ ସବୁଠାରୁ କମ୍ ଚାଷୀ ରହିଛନ୍ତି ଦେବଗଡ ଜିଲ୍ଲାରେ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ମନ୍ତ୍ରୀ କହିଛନ୍ତି ଯେ ଓମଫେଡ୍ ଅନୁବନ୍ଧିତ ଚାଷୀମାନଙ୍କୁ ସମିତି ମାଧ୍ୟମରେ ସେମାନଙ୍କର ଆବଶ୍ୟକତା ଅନୁସାରେ ରିହାତି ଦରରେ ଗୋଖାଦ୍ୟ ଯୋଗାଣ କରାଯିବା ସହ ଗ୍ରାମ୍ୟ ସ୍ତରରେ ପ୍ରାଣୀ ଚିକିତ୍ସା ଶିବିରମାନ ଆୟୋଜନ କରି ଔଷଧ ଓ ଖଣିଜ ଲବଣ ବିନା ମୂଲ୍ୟରେ ଯୋଗାଇ ଦିଆଯାଉଛି। ଗୋଖାଦ୍ୟ ଉତ୍ପାଦନ ପାଇଁ ରାଧାଦାମୋଦରପୁର ଓ ଜଗନ୍ନାଥପୁର ଠାରେ ଓମଫେଡ୍‌ର ନିଜସ୍ୱ ଦୁଇଟି ଗୋଖାଦ୍ୟ କାରଖାନା ରହିଛି। ଓମଫେଡ୍ ସହିତ ଅନୁବନ୍ଧିତ ଥିବା ଚାଷୀଙ୍କ ମଧ୍ୟରୁ ଜଗତ୍‌ସିଂହପୁର ଜିଲ୍ଲାରେ ସର୍ବାଧିକ ୩୨,୦୩୩ ଜଣ ଚାଷୀ ଥିବାବେଳେ ଝାରସୁଗୁଡା ଜିଲ୍ଲାରେ ୨୩୪୭ଜଣ ଚାଷୀ ରହିଛନ୍ତି।

## ମାଓଦମନ ଅଭିଯାନ

ମାଓଦମନ ଅଭିଯାନ ଅନେକାଂଶରେ ସଫଳ ହେବା ପରି ମନେ ହେଉଛି। ପଶ୍ଚିମବଙ୍ଗରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ ଏହି ରଣନୀତି ଆପଣାଇ ରାଜ୍ୟକୁ ଏକରକମ ନକ୍ସଲମୁକ୍ତ କରିଥିଲେ। ଏବେ ଗକୃହମନ୍ତ୍ରୀ ଅମିତ ଶାହା ଠିକ ସମାନ ରଣନୀତି ଆପଣାଇ ସଫଳତା ପାଇଛନ୍ତି। ଅବଶ୍ୟ ଗୋଟିଏ ରାଜ୍ୟରେ ସଫଳତା ଏବଂ ସାରା ଦେଶରେ ମାଓଦମନ ଅଭିଯାନରେ ସଫଳତା ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି। ନିକଟରେ ଗୃହ ମନ୍ତ୍ରୀ ଶ୍ରୀ ଶାହା ଦିଲ୍ଲୀରେ ୮ ମାଓ ଉପଦ୍ରୁତ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ଉଦବୋଧନ ଦେଇ ମାଓବାଦୀ ସମସ୍ୟାର ସମାଧାନ ଲାଗି କିଛି ପରାମର୍ଶ ଦେଇଛନ୍ତି। ଦେଶରେ ମାଓ ସମସ୍ୟାର ସମାଧାନ ଲାଗି ନିଆ ଯାଇଥିବା ପଦକ୍ଷେପ ଯୋଗୁ ଏଥିରେ ଅନେକାଂଶରେ ସଫଳତା ମିଳିଛି। ଅନେକ ଜିଲ୍ଲାରୁ ମାଓବାଦୀଙ୍କ ପ୍ରଭାବ କମିଛି ବା ସମ୍ପୂର୍ଣ୍ଣ ଲୋପ ପାଇଛି। ସବୁଠାରୁ ଅଧିକ ମାଓ ପ୍ରଭାବିତ ରାଜ୍ୟଭାବେ ପରିଚିତ ଛତିଶଗଡ଼ରେ ସୁରକ୍ଷା ବାହିନୀର କ୍ରମାଗତ ଉଦ୍ୟମ ଯୋଗୁ କେବଳ ଚଳିତ ବର୍ଷ ୧୮୦ଜଣ ମାଓବାଦୀ ନିହତ ହେଲେଣି। ଅନେକ ଅସ୍ତ୍ର ଛାଡ଼ି ସମାଜର ମୁଖ୍ୟ ସ୍ରୋତକୁ ଫେରିଆସିଛନ୍ତି। ମାଓ ଉପଦ୍ରୁତ ଅଞ୍ଚଳର ଆର୍ଥିକ ଏବଂ ସାମାଜିକ ବିକାଶ ଲାଗି ପରିସ୍ଥିତିରେ ସୁଧାର ଆସିଛି। ତେବେ ମାଓବାଦୀମାନେ ନିଜ ଉପସ୍ଥିତି ଜାହିର କରିବାକୁ ମଝିରେ ମଝିରେ ହତ୍ୟା, ଅପହରଣ ଏବଂ ବିସ୍ଫୋରଣ କରୁଛନ୍ତି। ନିକଟରେ ଛତିଶଗଡ଼ରେ ମାଓବାଦୀମାନେ ଜଣେ ଶିକ୍ଷା ଦୂତଙ୍କୁ ପିଟି ପିଟି ହତ୍ୟା କରିଛନ୍ତି। ତାଙ୍କ କାମ ଥିଲା ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ ପୁଣି ସ୍କୁଲକୁ ଆଣିବା, ବନ୍ଦ ହୋଇପଡ଼ିଥିବା ସ୍କୁଲକୁ ପୁନର୍ବାର ଖୋଲିବା। ଏହାକୁ ମାଓବାଦୀମାନେ ବିରୋଧ କରି ତାଙ୍କୁ ହତ୍ୟା କରିଛନ୍ତି। ମାଓବାଦୀମାନେ ଶିକ୍ଷାର ପ୍ରସାର ହେଉ, ଲୋକେ ସଭ୍ୟ, ଶିକ୍ଷିତ ହୋଇ ସଚେତନ ହୁଅନ୍ତୁ ଏହା ସେମାନେ ଚାହାଁନ୍ତି। ନାହିଁ। ଏହା କେଉଁ ଆଦର୍ଶ ଏବଂ କେଉଁ ନୀତି ତାହା ଜଣାପଡୁନି। ବିଶ୍ୱରେ ଯେତେ ନୀତି, ଆଦର୍ଶ ରହିଛି କେଉଁଥିରେ ଶିକ୍ଷାକୁ ବିରୋଧ କରାଯାଇନି। ମାଓବାଦୀମାନେ ଯାହା କରୁଛନ୍ତି ତାହା ତାଲିବାନୀ ଏବଂ ଅଲକାଏଦା ଆଫଗାନିସ୍ତାନରେ କରୁଛି। ଦିଲ୍ଲୀରେ ଅମିତ ଶାହା ମାଓଉପଦ୍ରୁତ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ବୈଠକରେ କହିଛନ୍ତି ଯେ, ମାଓବାଦୀଙ୍କ ବିରୋଧରେ କ୍ରମାଗତ ଅଭିଯାନ ଦ୍ୱାରା ମାଓ ସଙ୍ଗଠନ ଏବେ ଅତ୍ୟନ୍ତ ଦୁର୍ବଳ ହୋଇଗଲାଣି। ଏବେ ଶେଷ ପ୍ରହାରର ଆବଶ୍ୟକତା ପଡୁଛି। ୨୦୨୬ ସୁଦ୍ଧା ଦେଶରୁ ମାଓ ସମସ୍ୟା ସମ୍ପୂର୍ଣ୍ଣ ଦୂର ହେବ ବୋଲି ସେ ପୁଣି ଥରେ ଦୋହରାଇଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଗତ ୧୦ ବର୍ଷ ଭିତରେ ଦେଶରେ ମାଓ ହିଂସା ୭୨ ପ୍ରତିଶତ ହ୍ରାସ ପାଇଥିବା ବେଳେ ୨୦୨୩ରେ ମାଓ ହିଂସାରେ ମୃତ୍ୟୁ ସଂଖ୍ୟା ୮୬ ପ୍ରତିଶତ ହ୍ରାସ ପାଇଛି। ଏହା କିଛି କମ କଥା ନୁହେଁ। ଓଡ଼ିଶାରେ ମଧ୍ୟ ମାଓବାଦୀ ସମସ୍ୟା ଅନେକାଂଶରେ ହ୍ରାସ ପାଇଛି। ମାଲକାନଗିରିରେ ମାଓବାଦୀ ସମସ୍ୟା କିଛି ପରିମାଣରେ ରହିଛି। ବୌଦ୍ଧରେ ମଧ୍ୟ ଏହା ରହିଛି। କିନ୍ତୁ ଗଜପତି ଜିଲ୍ଲାରେ ଏହା ଅନେକାଂଶରେ ହ୍ରାସ ପାଇଛି। କିନ୍ତୁ ବାସ୍ତବ କଥା ହେଲା ମାଓବାଦୀମାନେ ଏବେ ସୁପ୍ତ ଅବସ୍ଥାରେ ଅଛନ୍ତି। ସେମାନେ ଏବେ ଆକ୍ରମଣ ନୁହେଁ, ଆତ୍ମରକ୍ଷା ଲାଗି ଉଦ୍ୟମ କରୁଛନ୍ତି। ଅମିତ ଶାହା ଯାହା କହିଛନ୍ତି ଠିକ କହିଛନ୍ତି। ସେମାନଙ୍କୁ ଏବେ ଶେଷ ପ୍ରହାରର ଆବଶ୍ୟକତା ରହିଛି। ମାଓବାଦୀଙ୍କୁ ବିଭିନ୍ନ ସୂତ୍ରରୁ ଆସୁଥିବା ସହାୟତାକୁ ବନ୍ଦ କରିବାକୁ ପଡ଼ିବ। ମାଓ ମୁକାବିଲା ନେଇ ମୁଖ୍ୟମନ୍ତ୍ରୀମାନେ ପ୍ରତି ମାସରେ ଥରେ ସମୀକ୍ଷା କରିବେ, ଡିଜିପି ମାନେ ପ୍ରତି ୧୫ ଦିନରେ ଥରେ ଜିଲ୍ଲା ସ୍ତରରେ ସ୍ଥିତି ସମୀକ୍ଷା କରିବେ ବୋଲି ଶାହା ନିର୍ଦ୍ଦେଶ ଦେଇଛନ୍ତି।

# ଯକ୍ଷ୍ମାର ଆରୋଗ୍ୟ ସମ୍ଭବ


*ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ।*


**॥ ଡାକ୍ତର କାନ୍ତୀ ନାୟକ ॥**

ଯକ୍ଷ୍ମା ଜୀବାଣୁ ଜନିତ ରୋଗ। ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଞ୍ଚେ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ। ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ୍ୟ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ। କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ। ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ୍ୟ ଏହି ସଂକ୍ରମଣ ହୋଇପାରେ। ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ। ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ। ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ। ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ। ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ। ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ। ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଢ଼ିଯାଏ। ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ।

ରୋଗର ଲକ୍ଷଣ : ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଥଣ୍ଡାରେ ମଧ୍ୟ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି। କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ। ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ। ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ। ଓଜନ ମଧ୍ୟ କମି ଯାଏ। କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ। ଟିବି ହେଲେ ନିଶ୍ୱାସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ।

କାହାପାଇଁ ବିପଦ ଅଧିକ : ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ। କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ। ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ। ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ। କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ। ଏହା ଯେ କୌଣସି ବ୍ୟକ୍ତିଙ୍କୁ ମଧ୍ୟ ହୋଇପାରେ। କାରଣ ଏହା ଏକ ବାୟୁବାହିତ ରୋଗ। ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ। ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍‌ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି। ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ।

ରୋଗ ଚିହ୍ନଟ : ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ। ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ। ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ। ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ ସେଣ୍ଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ। କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ।

ଚିକିତ୍ସା : ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ। ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଣ୍ଟରରେ ମାଗଣା ଚିକିତ୍ସା କରାଯାଏ। ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର। ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ। ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ। ଏହି ସ୍ଥିତିକୁ ମଲ୍‌ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଣ୍ଟ କୁହାଯାଏ। ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସଡିଆର ସ୍ଥିତି ଥାଏ। ଏହା ଖୁବ୍ ବିପଜ୍ଜନକ ସ୍ଥିତି। ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ। କିନ୍ତୁ ଏକ୍ସଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ। ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ। ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର୍/ ଏକ୍ସଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ। ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା ଅନ୍ୟକୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି। କାରଣ ଔଷଧ ଖାଇଲେ ମଧ୍ୟ ସେ ସମୟ ମଧ୍ୟରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ। ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ। ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ। ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ରୋଗୀକୁ ମାକ୍ସ ପିନ୍ଧାଇ ରଖନ୍ତୁ। ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ। କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ। କାରଣ ଏସି ମଧ୍ୟରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ।

ମହିଳାଙ୍କୁ ଯକ୍ଷ୍ମା : ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ। ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ। ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ। ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ।

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ। ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ। ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗକୁ ନିଜ ଆଗରେ ଔଷଧ ଖୁଆନ୍ତି। ଯଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ। ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି। ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ୍ୟ ରୋଗୀ ଉପରେ ନଜର ରଖନ୍ତି। ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି। ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି। ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧ୍ୟରେ ସଂକ୍ରମଣ କରାଇବା ଅଭିଯୋଗରେ ୬ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଏକ୍ସଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ। ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ। କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି। ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିଙ୍କୁ ଏହି ରୋଗ ଆକ୍ରମଣ କରିପାରେ। ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ। ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ। କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ। ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ। କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ।


ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,


# ମାତ୍ର ସାତ ଚରିତ୍ରରେ ରାଜତନ୍ତ୍ର

**॥ ସୁବାଶ ଦାସ ॥**

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଏବେ ପୃଥିବୀ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ସେଥିରୁ ବଞ୍ଚିବା ପାଇଁ ସବୁକିଛି ସବୁଜମୟ କରିବା ସକାଶେ ଏବେ ମଣିଷ ପ୍ରୟାସରତ । ପୂର୍ବରୁ ସବୁଜିମା ଥିଲା ପରିବେଶ । ଜୈବିକ ସାର ପ୍ରୟୋଗ କରାଯାଇ ଖାଦ୍ୟଶସ୍ୟ ଉତ୍ପାଦନ କରାଯାଉଥିଲା । ଯେତେବେଳେ ଲୋକସଂଖ୍ୟା ହୁ ହୁ ବଢ଼ିଲା ସେତେବେଳେ ଖାଦ୍ୟ ଚାହିଦା ମେଣ୍ଟାଇବା ପାଇଁ ସୀମିତ ଜମିରେ ଅଧିକ ଉତ୍ପାଦନ ଜରୁରୀ ହୋଇପଡ଼ିଲା । ଜୈବିକ ସାରା ଦ୍ୱାରା ଅଧିକ ଅମଳ ସମ୍ଭବ ନ ହେବାରୁ ରାସାୟନିକ ସାର ବିଷୟ ଚିନ୍ତା କରାଗଲା । ଫଳରେ ଖାଦ୍ୟଶସ୍ୟ ଉତ୍ପାଦନ ପୂର୍ବାପେକ୍ଷା ବହୁଗୁଣିତ ହେଲା । କିନ୍ତୁ ସେହି ଖାଦ୍ୟ ମଣିଷ ଦେହରେ ନାନା ରୋଗ ସୃଷ୍ଟି କରିବାରୁ ପୁଣି ଜୈବିକ ସାର ପ୍ରୟୋଗ ବିଷୟ ବିଶ୍ୱବ୍ୟାପୀ ଚାଷୀଙ୍କ ମୁଣ୍ଡକୁ ଢୁକିଛି । ହେଲେ ଓଡ଼ିଶାରେ କୃଷକଙ୍କୁ ସେତକ ବୁଦ୍ଧି ଜୁଟୁ ନାହିଁ । ଜଣେ ଚାଷୀର କିଆରିରେ ଗହ ଗହ ଶସ୍ୟ ଦେଖି ଆଉ ଜଣେ ଚାଷୀ ଲୋଭିଲା ହୋଇପଡୁଛି । ଅଧିକ ଫସଲ ଅମଳ ଆଶାରେ କ୍ଷେତରେ ୟୁରିଆ, ପଟାସ, ଗ୍ରୋମୋର ଭଳି ରାସାୟନିକ ସାର ପ୍ରୟୋଗ ହେଉଛି । ଏହି ଧାରାକୁ ନେଇ ଭାଗଚାଷୀ ବିକୃତ ପରିସ୍ଥିତି ସୃଷ୍ଟି କଲେଣି । ଜମି ମାଲିକ ପରବର୍ତ୍ତୀ ବର୍ଷରେ ଭାଗଚାଷ ଦେଇପାରନ୍ତି ବା ନ ଦେଇପାରନ୍ତି ସେହି ଆଶଙ୍କାରେ ସେମାନେ ଚାଷ କରୁଥିବା ଜମିରେ ଢ଼ାଳୁଛନ୍ତି ପ୍ରଚୁର ରାସାୟନିକ ସାର । ଏହାଦ୍ୱାରା ଚାଷ ଜମିର ଉର୍ବରତା ଦିନକୁ ଦିନ କମିବାରେ ଲାଗୁଛି । କୃଷି ବିଜ୍ଞାନରେ ଅଛି ଗୋଟିଏ ଜମିରେ ପ୍ରତିବର୍ଷ ସମାନ ଚାଷ ନ କରି ବର୍ଷକୁ ବର୍ଷ ଚାଷ ପରିବର୍ତ୍ତନ କରାଗଲେ କ୍ଷେତରେ ଉତ୍ପାଦିକତା ଶକ୍ତି ବୃଦ୍ଧି ପାଏ । ହେଲେ ମାନୁଛି କିଏ । ଗୋବର, ଖତ, ପିଢ଼ିଆ ମାନ୍ଧାତା ପ୍ରଣାଳୀ ଭାବି ତାହାକୁ ଗ୍ରହଣ କରାଯାଉନାହିଁ । ଅନ୍ୟ ପକ୍ଷରେ ରାସାୟନିକ ପଦାର୍ଥ ଆଜି ମଣିଷର ଜୀବନ ସହ ଜଡ଼ିତ ହୋଇଗଲାଣି । ସେଥିରୁ ସମ୍ପୂର୍ଣ୍ଣ ନିସ୍ତାର ନ ମିଳିଲେ ମଧ୍ୟ ହାନିକାରକ ଉପାଦାନ କମାଇବା ଦିଗରେ ଏବେ ଗୁରୁତ୍ୱ ଦିଆଯିବାର ସମୟ ଆସିଲାଣି । ଉପରୋକ୍ତ ବିଷୟକୁ ତର୍ଜମା କଲେ ଗୋଟିଏ କଥା ସ୍ପଷ୍ଟ ଯେ ରାସାୟନିକ ଉପାଦାନ ଥିବା ଯେ କୌଣସି ପଦାର୍ଥ ପରିବେଶ ଓ ପ୍ରାଣୀଜଗତ ପାଇଁ କ୍ଷତିକାରକ । ଏହାକୁ ହୃଦୟଙ୍ଗମ କରି ୧୯୯୧ରେ ପଲ୍ ଆନାଷ୍ଟାସ ଗ୍ରୀନ୍ କେମିଷ୍ଟ୍ରୀ ବା ସବୁଜ ରସାୟନ ଶବ୍ଦ ପ୍ରଣୟନ କରିଥିଲେ । ରସାୟନିକ ପଦାର୍ଥରେ କ୍ଷତିକାରକ ଉପାଦାନଗୁଡ଼ିକୁ ଅଲଗା କରାଯାଇ ତାହାକୁ ପରିବେଶ ଉପଯୋଗୀ କରାଯିବା ପ୍ରକ୍ରିୟା ପ୍ରସ୍ତୁତ କରିଥିବାରୁ ତାଙ୍କୁ ଗ୍ରୀନ୍ କେମିଷ୍ଟ୍ରୀର ଜନକ ବୋଲି କୁହାଯାଏ । ସେ ଏବେ ଆମେରିକାର ୟେଲ୍ ବିଶ୍ୱବିଦ୍ୟାଳୟର 'ସେଣ୍ଟର ଫର୍ ଗ୍ରୀନ୍ କେମିଷ୍ଟ୍ରୀ ଆଣ୍ଡ ଗ୍ରୀନ୍ ଇଞ୍ଜିନିୟରିଂ' ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି । ଗ୍ରୀନ୍ କେମିଷ୍ଟ୍ରୀର ଲକ୍ଷ୍ୟ ହେଲା କୌଣସି ରସାୟନିକ ପଦାର୍ଥରେ ଥିବା ବିଷାକ୍ତ ଉପାଦାନକୁ କମାଇ ତାହାର ଦକ୍ଷତାକୁ ବଢ଼ାଇବା । ଫଳରେ ମୂଳସ୍ତରରୁ ହିଁ ପ୍ରଦୂଷଣକୁ କମାଯାଇପାରିବ । ସେଥିପାଇଁ ଏହି ଗ୍ରୀନ୍ କେମିଷ୍ଟ୍ରୀର ନୀତିର ପ୍ରଥମରେ କୁହାଯାଇଛି, କୌଣସି ପଦାର୍ଥ ସୃଷ୍ଟି ହେବା ପରେ ସେଥିରୁ ବିଷାକ୍ତ ଉପାଦାନ ପରିମାଣକୁ ନଷ୍ଟ କରିବା ଠାରୁ ଏହା କିଭଳି ରାସାୟନିକ ପଦାର୍ଥରେ ନରହିବ ସେ ଦିଗରେ ପଦକ୍ଷେପ ନେବା ଶ୍ରେୟସ୍କର ।

ଏବେ ବିଭିନ୍ନ ରାଷ୍ଟ୍ରାୟତ୍ତ ଓ ଘରୋଇ କମ୍ପାନୀ ଗ୍ରୀନ୍ କେମିଷ୍ଟ୍ରୀକୁ ଆପଣାଇଲେଣି । ପରିବେଶ ଉପରେ ରାସାୟନିକ ପଦାର୍ଥର ପ୍ରଭାବ କମାଇବା ଲାଗି ବିଭିନ୍ନ ପ୍ରକାର ଜ୍ଞାନକୌଶଳ ବ୍ୟବହାର କରୁଛନ୍ତି । ଫଳରେ ପ୍ରାକୃତିକ ସମ୍ବଳର ସର୍ବାଧିକ ବ୍ୟବହାର କରାଯାଇପାରୁଛି । ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେସନ ଲିମିଟେଡ୍ ସବୁଜ ରସାୟନ ପ୍ରଣାଳୀ ଉପଯୋଗ କରିବା ଦ୍ୱାରା ସ୍ୱାସ୍ଥ୍ୟକର ଓ ନିରାପଦ କାର୍ଯ୍ୟ ପରିବେଶ ସୃଷ୍ଟି କରିପାରିଛି । କର୍ମଚାରୀ, ପଡ଼ୋଶୀ, ଉପଭୋକ୍ତାମାନେ ସେଥିରୁ ଉପକାର ପାଇପାରୁଛନ୍ତି । ସେହିପରି ଲୁବ୍ରିଜୋଲ ଆଡ଼ଭାନ୍ସଡ଼ ମେଟେରିଆଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ସମ୍ପୂର୍ଣ୍ଣ ଭାବେ ଏକ ରାସାୟନିକ ପଦାର୍ଥ ଉତ୍ପାଦନକାରୀ ସଂସ୍ଥା । କିନ୍ତୁ ଏହା ଏକ ନୂତନ ପଲିମର ବିକଶିତ କରିଛି । ସିପିଭିସି ନାମକ ପାଇପ୍ ତିଆରିରେ ମାତ୍ର ୩୫ ପ୍ରତିଶତ ପ୍ରେଟୋଲିୟମ୍ ଉପାଦାନ ରହିଥିବା ବେଳେ ଅବଶିଷ୍ଟାଂଶ ସାଧାରଣ ଲୁଣ ବ୍ୟବହାର କରାଯାଇଛି । ଅତିକମ୍ ଖର୍ଚ୍ଚରେ ଏହା ପ୍ରସ୍ତୁତ ହୋଇଥିବାରୁ ବ୍ୟବହାରକାରୀ ଓ ପରିବେଶ ସକାଶେ ଉପଯୋଗୀ ହୋଇପାରିଛି । ସବୁଠାରୁ ମୁଖ୍ୟ ବୈଶିଷ୍ଟ୍ୟ ହେଲା ପାଇପକୁ ଶୀଘ୍ର ନଷ୍ଟ ହେବାରୁ ଏହା ରକ୍ଷା କରିଥାଏ । ଆମ ଚାରିପାଖେ ଥିବା ବିଭିନ୍ନ ରାସାୟନିକ ବସ୍ତୁରେ ବହୁମାତ୍ରାରେ ଟିକ୍ସକ୍ ବା ବିଷାକ୍ତ ଉପାଦାନ ଭରି ରହିଛି । ଏପରିକି ଚାଇନାରୁ ଆସୁଥିବା ଖେଳଣାର ରାସାୟନିକ ପ୍ରଲେପ ଲଗାଯାଇଥିବାରୁ ତାହା କୁନି ପିଲାଙ୍କ ସ୍ୱାସ୍ଥ୍ୟହାନି କରୁଛି ବୋଲି ବିଶେଷଜ୍ଞମାନେ ମତ ଦେଲେଣି । ଏଭଳି ପରିସ୍ଥିତିରେ ଶିଶୁଙ୍କ ମାଟି ବା କାଠରେ ପ୍ରସ୍ତୁତ ଖେଳଣା ଦିଆଯାଇପାରନ୍ତା । ଅଥଚ ଅତ୍ୟାଧୁନିକ ବୋଲି କହୁଥିବା ଲୋକ ଯେତେ ଉପରକୁ ଉଠିଲେ ବି ଭଲ ଓ ଭେଲ ମଧ୍ୟରେ ପାର୍ଥକ୍ୟ ଜାଣିପାରୁ ନାହିଁ । କଥାରେ ଅଛି ସବୁ ଚକଚକିଆ ସୁନା ନୁହେଁ । ତେଣୁ ଯେଉଁ ପଦାର୍ଥ ଲୋଭିଲା ଭଳି ଦେଖାଯାଉଛି ତାହା ପ୍ରତି ଆକର୍ଷିତ ନ ହୋଇ ପ୍ରଥମେ ପରଖା ଯିବା ଦରକାର । ପରିବେଶ ଉପଯୋଗୀ ପଦାର୍ଥ ଆଖିକୁ ଭଲ ଦିଶି ନପାରେ, କିନ୍ତୁ ସେଥିରେ ଜୀବନ ଅଛି । ଏତକ ସମସ୍ତେ ହେଜିବା ଦରକାର ।


*'ସାଇ ପ୍ୟାଲେସ', ସେକ୍ଟର-୮, ସିଡ଼ିଡ, ଡାକ୍ତର ଟମ୍ପେରୋଡ଼, କଟକ, ଦୂରଭାଷ : ୯୪୩୭୦୩୪୨୬୪*


# ରାମକଥା ରସବାହିନୀ

**॥ ଦିଲ୍ଲୀପ କୁମାର ମହାରଣା ॥**

ଆଧ୍ୟାତ୍ମିକ ଅନୁଗାମୀମାନଙ୍କ ନିମନ୍ତେ ଗୀତା ଓ ଭାଗବତ ପରି ଶ୍ରୀରାମଚରିତ ମାନସ ଏକ ଅତ୍ୟନ୍ତ ପବିତ୍ର ଓ ଲୋକକଲ୍ୟାଣକାରୀ ଗ୍ରନ୍ଥ। କାଳ ଦୃଷ୍ଟିରୁ ଦେଖିଲେ ତ ଗୀତା ଓ ଭାଗବତ ଠାରୁ ମଧ୍ୟ ଏହା ଆହୁରି ପ୍ରାଚୀନ। ପ୍ରଥମେ ବାଲ୍ମିକୀଙ୍କ ଦ୍ୱାରା ସଂସ୍କୃତ ଭାଷାରେ ଏହି ପବିତ୍ର ଗ୍ରନ୍ଥ ରଚିତ ହେଲା ଓ ତାହାର ଅନେକବର୍ଷ ପରେ ଗୋସ୍ୱାମୀ ତୁଳସୀଦାସ ପ୍ରାନ୍ତୀୟ ଭାଷାରେ ଏହାର ରଚନା କଲେ। ତେବେ ଉଲ୍ଲେଖନୀୟ ବିଷୟ ହେଉଛି ଗ୍ରନ୍ଥ ରଚନା ପଛରେ ଥିବା ଈଶ୍ୱରଙ୍କର କୃପା ଓ ବିଧାନ। ସେକଥା ପାଠ କଲେ ପାଠକ ତଥା ଭକ୍ତଗଣ ସର୍ବସାକ୍ଷୀ ଈଶ୍ୱରଙ୍କର ସର୍ବବ୍ୟାପକତା ସମ୍ପର୍କରେ ଅନୁଭବ କରିପାରିବେ। ଅତଏବ ଏହିପରି ପବିତ୍ର ଗ୍ରନ୍ଥର ପଠନ ଓ ପାଠନର ଉପାଦେୟତା ସମସ୍ତଙ୍କ ପାଇଁ ସବୁକାଳରେ ରହିଆସିଛି।

ଶ୍ରୀ ସାଇବାବା ଶିରିଡ଼ିରେ ନରଦେହରେ ଅବତୀର୍ଣ୍ଣ ହୋଇ ତାଙ୍କର ଲୋକହିତୈଷୀ କର୍ମ ଜାରି ରଖିଥିବା ସମୟରେ ତାଙ୍କର ଭକ୍ତମାନଙ୍କୁ ନିୟମିତ ଆଧ୍ୟାତ୍ମିକ ଗ୍ରନ୍ଥ ପଠନ ଓ ପାଠନ କରିବା ପାଇଁ ପରାମର୍ଶ ଦେଉଥିଲେ। ତଦନୁଯାୟୀ ତତ୍କାଳୀନ ଶିକ୍ଷିତ ଭକ୍ତମାନଙ୍କ ଦ୍ୱାରା ଦୀକ୍ଷିତୱାଡ଼ା ବା ସାଠେୱାଡ଼ାରେ ପବିତ୍ର ଗ୍ରନ୍ଥ ସମୂହର ପାରାୟଣ ଅନୁଷ୍ଠିତ ହେଉଥିଲା। ତେବେ କେବଳ ସେହି ଭକ୍ତମାନଙ୍କୁ ଏଥିରେ ସମ୍ମିଳିତ ହେବାକୁ କୁହାଯାଉଥିଲା, ଯେଉଁମାନେ ଆଧ୍ୟାତ୍ମିକସ୍ତରରେ କିଛିଟା ଉନ୍ନତି କରିପାରିଥିଲେ ଏବଂ ସେମାନଙ୍କର ମନର ପ୍ରଶ୍ନକୋଷରେ ପୂର୍ଣ୍ଣଛେଦ ପଡ଼ିଯାଇଥିଲା। ସାଧାରଣତଃ ଏହିପରି ଭକ୍ତମାନେ ଗ୍ରନ୍ଥରେ ବର୍ଣ୍ଣିତ ବିଷୟଗୁଡ଼ିକୁ ପୂର୍ଣ୍ଣ ରୂପେ ସତ୍ୟ ବୋଲି ମନେ କରିଥାନ୍ତି, ଫଳରେ ସେମାନେ ସେଥିରୁ ସର୍ବାଧିକ ଲାଭ ଉଠାଇଥାନ୍ତି। ଭଗବାନଙ୍କର ଅପାର ଲୀଳା କଥା ପଠନ ଓ ଶ୍ରବଣ କରି ଭଗବାନଙ୍କ ପ୍ରତି ସେମାନଙ୍କର ଶ୍ରଦ୍ଧା ଓ ଭକ୍ତି ତ ବଢ଼ିଥାଏ, ଏହାସହ ଜୀବନର ଚଳଣି ପାଇଁ ସେମାନେ ଏକ ଅବଲମ୍ବନ ପାଇଯାଆନ୍ତି। 'ବିଶ୍ୱାସେ ମିଳଇ ହରି'ର ସୁଧୀ ଓ ଶ୍ରଦ୍ଧେୟ ପାଠକଗଣ, ଯେଉଁମାନଙ୍କ ପ୍ରତି ସାଇବାବାଙ୍କର ଅପାର କରୁଣା ସଦାସର୍ବଦା ରହିଆସିଛି, ସେହିମାନଙ୍କ ହିତ ଉଦ୍ଦେଶ୍ୟରେ ଆମେ ସମୟ ସମୟରେ ଭଗବାନଙ୍କର ଲୀଳା ସମ୍ବନ୍ଧିତ ବିଭିନ୍ନ କଥା ଓ କୀର୍ତ୍ତି ପ୍ରକାଶ କରିଆସୁଛୁ। ଏହାର ପ୍ରଧାନ ଉଦ୍ଦେଶ୍ୟ ହେଉଛି ସର୍ବବ୍ୟାପୀ ଭଗବାନଙ୍କ ଅପାର ମହିମା ସମ୍ପର୍କରେ ଅଧିକରୁ ଅଧିକ ଜାଣିବା ଓ ସଦାସର୍ବଦା ତାଙ୍କର ପାଦପଦ୍ମରେ ନିଜର ମନକୁ ଲଗାଇ ରଖିବାର ପ୍ରୟାସ କରିବା।

ଭଗବାନ ଶ୍ରୀ ସତ୍ୟସାଇ ବାବା 'ରାମକଥା ରସବାହିନୀ' ବିଭିନ୍ନ ଭାଗରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଦିବ୍ୟ ଜୀବନ ଓ ସାମ୍ପ୍ରତିକ ସମୟରେ ସଦାଚାର ଓ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ ଦିଗ୍‌ଦର୍ଶନ କରିଯାଇଛନ୍ତି। ରାମ ନାମ ସର୍ବବେଦ ସାର, ରାମ କଥା କ୍ଷୀର ସମୁଦ୍ର ଯାହା ଅତି ପବିତ୍ର ଓ ରସମୟ କାହାଣୀ। ରାମାୟଣ ପ୍ରତ୍ୟେକ ଭାଗ୍ୟବାନ ଭାରତୀୟର ପରମ ମୂଲ୍ୟବାନ ପରମ୍ପରା। ରାମାବତାର କାହାଣୀ ଥିବା ମହାକାବ୍ୟ ରାମାୟଣ ଗୋଟିଏ ଅତି ପବିତ୍ର ଗ୍ରନ୍ଥ। ରାମାୟଣକୁ କୌଣସି ଏକ ବ୍ୟକ୍ତିର ଜୀବନ ଚରିତ ଭାବରେ ନୁହେଁ ଅବତାରଙ୍କ ଆଗମନର ବାର୍ତ୍ତା ଓ ଦିବ୍ୟ କର୍ମଗୁଡ଼ିକର ଆଲେଖ୍ୟ ଭାବରେ ହିଁ ପଢ଼ିବାକୁ ହେବ। ସେହି କାହାଣୀରେ ପ୍ରକାଶିତ ଆଦର୍ଶକୁ ନିଜ ନିଜ ଜୀବନରେ ଉପଲବ୍ଧ ଓ ଅନୁଭବ କରିବାକୁ ପ୍ରତ୍ୟେକ ଲୋକ ଦୃଢ଼ ସଂକଳ୍ପ ହୋଇ ଉଦ୍ୟମ କରିବା ଉଚିତ ବୋଲି ଭଗବାନ ଶ୍ରୀ ସତ୍ୟସାଇ ବାବା ସମ୍ଭାଷଣରେ କହିଛନ୍ତି। ପରମେଶ୍ୱର ସର୍ବଜ୍ଞ, ସର୍ବବ୍ୟାପୀ ଓ ସର୍ବଶକ୍ତିମାନ ସେ ମନୁଷ୍ୟ ଦେହଧରି ଯାହାସବୁ କହନ୍ତି, ଯେଉଁ କର୍ମ ସବୁ ସାଧନ କରନ୍ତି ଓ ଯାହା ସାଧନ କରିବାର ଅଭିଳାଷ ମଧ୍ୟ ପୋଷଣ କରିଥାନ୍ତି ସେ ସମସ୍ତ ଅସାଧାରଣ ଭାବରେ ତାତ୍ପର୍ଯ୍ୟପୂର୍ଣ୍ଣ ଓ ରହସ୍ୟମୟ। ମାନବ ଜାତିର ସର୍ବଶ୍ରେଷ୍ଠ ପୁରୁଷ ଶ୍ରୀରାମଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ କୁହାଯାଏ।

ଶ୍ରୀରାମଙ୍କୁ ନୈତିକତା ଓ ଶିଷ୍ଟାଚାରର ପ୍ରତୀକ ଭାବେ ଗ୍ରହଣ କରାଯାଏ। ଦୈନନ୍ଦିନ ଜୀବନରେ ସେ ଶଦାଚାରକୁ ଗୁରୁତ୍ୱ ଦେଇ କୌଣସି କ୍ଷେତ୍ରରେ ପବିତ୍ର ମାନବୀୟ ମୂଲ୍ୟବୋଧକୁ କ୍ଷଣକ ପାଇଁ ବି ଭୁଲିନାହାନ୍ତି। ପବିତ୍ରତାକୁ ହିଁ କେବଳ ଶ୍ରୀରାମଙ୍କ ସହିତ ତୁଳନା କରାଯାଇପାରେ। ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କ ସମ୍ଭାଷଣରେ ଆହୁରି ମଧ୍ୟ କହିଛନ୍ତି ଯେପରି ଜଗତର ସମସ୍ତ ଜଳାଶୟର ଆଧାର ହେଲା ସମୁଦ୍ର ସେହିପରି ସମସ୍ତ ପ୍ରାଣୀଙ୍କର ମୂଳାଧାର ରାମ। ଜଳ ବିହୀନ ସମୁଦ୍ରର ଅସ୍ତିତ୍ୱ ଯେମିତି ଅସମ୍ଭବ ଏବଂ ଅସତ୍ୟ, ରାମ ବିହୀନ ପ୍ରାଣୀ ମଧ୍ୟ ସେହିପରି ଅସତ୍ୟ ଓ ଅସମ୍ଭବ। ଭଗବାନ ବାବା ତାଙ୍କ ରାମାବତାରର ସ୍ମରଣୀୟ ମୁହୂର୍ତ୍ତକୁ 'ରାମକଥା ରସବାହିନୀ'ରେ ସମ୍ଭାଷିତ କରିଛନ୍ତି – 'ରାମକଥାର ଅମୃତ ଅଯୋଧ୍ୟା ତଟରେ ପ୍ରବାହିତ ସରଯୂ ନଦୀ ସଦୃଶ। ସରଯୂ ନଦୀ ହିମାଳୟର ମାନସ ସରୋବରରୁ ଜାତ ହୋଇ ତଳକୁ ବହି ଆସୁଥିଲା, ସେହିପରି ରାମକଥା ମଧ୍ୟ ବିଶ୍ୱମାନସ ସରୋବରରୁ ଜାତ। ରାମଝରର କରୁଣାରସ, ଲକ୍ଷ୍ମଣଝର ଭକ୍ତିରସ। ସରଯୂ ଯେମିତି ଗଙ୍ଗା ନଦୀରେ ମିଶି ଏକକାର ହୋଇଯାଇଛି, ସେହିପରି ରାମାୟଣରେ ରାମରୂପୀ କରୁଣାଝର ଓ ଲକ୍ଷ୍ମଣରୂପୀ ଭକ୍ତିଝର ମିଶି ଏକ ହୋଇଯାଇଛି। ତେଣୁ କରୁଣା ଓ ଭକ୍ତି ରାମାୟଣର ଦୁଇ ପ୍ରଧାନ ରସ, ରାମମହିମା ଓ ରାମ ଗୌରବର ବାହକ। ରାମାୟଣର ଏଇ ମହନୀୟ ରସୋମୟ ଚିତ୍ର ପ୍ରତ୍ୟେକ ଭାରତୀୟ ହୃଦୟର ଅତି ଆଦରର ଧନ। ଏହି ରସ ଲାଭ କରିବା ହିଁ ତା'ର ସମସ୍ତ ସାଧନାର ଲକ୍ଷ୍ୟ'। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ପୁଣ୍ୟ ଅବିସ୍ମରଣୀୟ ରାମ ନବମୀ ଆମ ସମସ୍ତଙ୍କ ଅନ୍ତର୍ନିହିତ ଆଧ୍ୟାତ୍ମିକ ସେବାକୁ ସମାଜଭିମୁଖୀ କରିବା ପାଇଁ ପଥ ଦେଖାଉ ଏହା ହିଁ କାମନା।


ଶିଖରପୁର ଉପରସାହି, କଟକ,ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯,

## ମଣ୍ଡଳ ସ୍ତରୀୟ କନିଷ୍ଠ ଶିକ୍ଷକ ସଂଘ କର୍ମକର୍ତ୍ତା ନିର୍ବାଚନ



ଡେରାବିଶ,(ମହାଭାରତ):ଡେରାବିଶ ବ୍ଲକ ଅନ୍ତର୍ଗତ ଠାକୁର ପାଟଣା ଉତ୍ତୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କନିଷ୍ଠ ଶିକ୍ଷକ ସଂଘ -୨୦୨୩ର ଏକ ସଭା ଅନୁଷ୍ଠିତ ହୋଇଯାଇଛି ।ଏହି ସଭାରେ ଜ୍ୟୋତିରଂଜନ ପାଢ଼ୀ ସଭା ପରିଚାଳନା କରିଥିଲେ ।ଏହି କାର୍ଯ୍ୟକ୍ରମରେ କନିଷ୍ଠ ଶିକ୍ଷକଙ୍କ ରେଗୁଲାର ଓ ନେତୃତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା ।ସର୍ବ ସମ୍ମତିକ୍ରମେ ବ୍ଲକ୍ ସ୍ତରୀୟ ସଭାପତି ଭାବେ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ଦାସ,ଉପସଭାପତି ରଶ୍ମିରେଖା ନାୟକ,ସମ୍ପାଦକ ନରେଶ ବଲ୍ଲଭ ସାହୁ,ସହ ସଂପାଦିକା ଲିପିକା ବେହେରା,କୋଷାଧ୍ୟକ୍ଷ କୃଷ୍ଣ କେଶବ ସାହୁ,ସହ କୋଷାଧ୍ୟକ୍ଷ ସତ୍ୟନାରାୟଣ ବଳ,ଗଣମାଧ୍ୟମ ସଂଯୋଜକ ଉମାଶଙ୍କର ଦାସ,ବ୍ଲକ୍ ସଂଯୋଜକ ବିଜୟୀ ଦେବବ୍ରତ ସାହୁଙ୍କୁ ନିର୍ବାଚିତ କରାଯାଇଥିଲା ।ଏତଦ୍ ବ୍ୟତୀତ ସଂଘର ଉଦ୍ଦେଶ୍ୟ ଏବଂ ଆଗାମୀ କାର୍ଯ୍ୟପ୍ୟା ଗୁଡ଼ିକ ବିଷୟରେ ଆଲୋଚନା କରାଯାଇଥିଲା ।

### ମଣ୍ଡେଇ ମହୋତ୍ସବ -୨୦୨୪ର ପଞ୍ଚମ ସନ୍ଧ୍ୟା

# ପଲ୍ଲୀଶ୍ରୀ ମେଳା ଉଦଯାପିତ, ମଧ୍ୟ ରାତ୍ର ପର୍ଯ୍ୟନ୍ତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ

ନବରଙ୍ଗପୁର(ମହାଭାରତ): ଗତ କାଲି ୧୦.୧୨.୨୦୨୪ ତାରିଖ ମଣ୍ଡେଇ ମହୋତ୍ସବ - ୨୦୨୪ ର ପଞ୍ଚମ ସନ୍ଧ୍ୟା ଅବସରରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଜିଲ୍ଲାର ବିଶିଷ୍ଟ ବ୍ୟକ୍ତି ,ଅନୁଷ୍ଠାନକୁ ସମ୍ମାନୀତ ପୂର୍ବକ ପଲ୍ଲୀଶ୍ରୀ ମେଳା ର ଉଦଯାପନ ହୋଇଯାଇଅଛି ।ଗତ ୬ ତାରିଖ ରୁ ଆରମ୍ଭ ହୋଇଥିଲା ମଣ୍ଡେଇ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଏବଂ ଦୈନିକ ହଜାର ହଜାର ଲୋକଙ୍କ ଅତ୍ୟନ୍ତ ଭିଡ଼ ମଧ୍ୟରେ ଜିଲ୍ଲାବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ଉପଭୋଗ କରିଥିଲେ । ଗତ ସନ୍ଧ୍ୟା କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ନିଜ ବକ୍ତବ୍ୟରେ ମଣ୍ଡେଇ ମହୋତ୍ସବ -୨୦୨୪ ର ସଫଳତା ପୂର୍ବକ ସମ୍ପର୍ଣ୍ଣ ହେତୁ ଜିଲ୍ଲାବାସୀ ଙ୍କ ସହଯୋଗ,ସମସ୍ତ ଜିଲ୍ଲା ଜନପ୍ରତିନିଧି,ବ୍ଲକ୍ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସମିତି ସଭ୍ୟ,ସରପ□,ବିଭାଗୀୟ ଅଧିକାରୀ,ବିଭିନ୍ନ କମିଟି ର ଅଧ୍ୟକ୍ଷ ,ସଭ୍ୟ ସଭ୍ୟା,ସ୍ୱେଚ୍ଛାସେବୀ ,ସହରର ବୁଦ୍ଧିଜୀବୀ,ଅନୁଷ୍ଠାନ,ସାଂସ୍କୃତିକ ଅନୁଷ୍ଠାନ, ଗଣମାଧ୍ୟମ ପ୍ରତିନିଧି, ଉଦଘୋଷକ ସମସ୍ତଙ୍କୁ ଧନ୍ୟବାଦ୍ ଦେବା ସଙ୍ଗେ ସଙ୍ଗେ ଏହି ମହୋତ୍ସବ କୁ ଭବିଷ୍ୟତରେ ଆହୁରି ଉଚ୍ଚ ସୋପାନ କୁ ନେବାରେ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ମଞ୍ଚରେ ପୂଜାର୍ଚ୍ଚନା ପରେ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ଧନ୍ୟବାଦ୍ ଦେଇଥିଲେ। ସମ୍ମାନୀତ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଏବଂ ନବିନ ଚନ୍ଦ୍ର ନାୟକ, ସି ଡି ଓ ,ଜିଲ୍ଲା ପରିଷଦ ବିରଞ୍ଚି



ନାରାୟଣ ଦରୱାନ ,ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର ମଣ୍ଡେଇ ମହୋତ୍ସବ ର ଉଦଯାପନ ବକ୍ତବ୍ୟ ରଖିଥିଲେ। ସଭାଟିକୁ ତେନ୍ତୁଳିଖୁଣ୍ଟି ବି ଡି ଓ ମନୋଜ କୁମାର ପାଣିଗ୍ରାହୀ ପରିଚାଳନା କରିଥିଲେ ।

ଜିଲ୍ଲାପାଳ ପ୍ରଥମେ ସମସ୍ତ ୧୦ ଟି ବ୍ଲକର ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ବି ଡି ଓ ଙ୍କୁ ବ୍ଲକ୍ ସ୍ତରରେ ସଫଳ ଓ ଆକର୍ଷଣୀୟ ଭାବେ ବ୍ଲକ ସ୍ତରୀୟ ମଣ୍ଡେଇ ମହୋତ୍ସବ ସମାପନ କରିଥିବାରୁ କୃତଜ୍ଞତା ସ୍ୱରୂପ ମାନପତ୍ର, ଉପଢୌକନ, ମୋମେଣ୍ଟୋ ପ୍ରଦାନ କରିଥିଲେ। ସେଭଳି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଶଙ୍କର ପଟ୍ଟନାୟକ, ସରିତା ଗରଡ଼ା , ପାର୍ଥନା ମିଶ୍ର, ଏଲ ସ୍ନିଗ୍ଧା,ବାସନ୍ତୀ ପଙ୍କ, ସାହିଲ ବାଗ, କାମାକ୍ଷା ତ୍ରିପାଠୀ, ସାବିତ୍ରୀ ପାଲକା ଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା ।ଲୋକଗୀତ , ରୀଲ୍ସ, ୱାଲ୍ ପେଣ୍ଟିଂ ଚିତ୍ରାଙ୍କନ,ମେହେନ୍ଦି ,ପାରମ୍ପରିକ ବେଶ ଭୂଷା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରାଜ୍ୟ ସ୍ତରୀୟ ୧୭ ବର୍ଷ ବୟସ୍କ ମଧ୍ୟରେ ଅନୁଷ୍ଠିତ ମହିଳା ଫୁଟବଲ ପ୍ରତିଯୋଗିତା ରେ ଦ୍ୱିତୀୟ ସ୍ଥାନ ଲାଭ କରିଥିବା ନବରଙ୍ଗପୁର ଜିଲ୍ଲା ଟିମ ର ସମସ୍ତ ଖେଳାଳି,ରାଜ୍ୟ ସ୍ତରୀୟ ୧୪ ବର୍ଷ ବୟସ୍କ ମଧ୍ୟରେ ଅନୁଷ୍ଠିତ ହକି ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଲାଭ କରିଥିବା ନବରଙ୍ଗପୁର ଜିଲ୍ଲା ଟିମ୍ କୁ, ରାଜ୍ୟ ସ୍ତରରେ ୧୭ ବର୍ଷ ବୟସ୍କ ମଧ୍ୟରେ ତାଇକୁଣ୍ଡୋ ରେ ତେଜସ୍ୱୀନୀ ପୂଜାରୀ,୬୦୦ ମିଟର ରନିଂ ରେ ବୈକୁଣ୍ଠ ଭତ୍ରା ଏବଂ ରିତା ମାଝୀ, ଡିସ୍କସ୍ ଥ୍ରୋ ରେ ଜିନା ମୁଦୁଲି ସହ କାର୍ତ୍ତିକ ଭତ୍ରା ଙ୍କ ସହ ୧୮ ଜଣ ଆଦିବାସୀ କଳାକାର ନୃତ୍ୟ ଗୁରୁ,ସଂଗୀତ ଗୁରୁ,ନାଟ୍ୟ ଗୁରୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଗ୍ନିଶମ, ପୋଲିସ,ସ୍ୱାସ୍ଥ୍ୟ,ଆଇ ଟି ଡି ଏ,ମ୍ୟୁନିସିପାଲଟି ନବରଙ୍ଗପୁର ଓ ଉମରକୋଟ କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଦର୍ଶନୀ ଷ୍ଟଲ ରେ ଉଦ୍ୟାନ ଓ ବନ ବିଭାଗ ଯୁଗ୍ମ ଭାବେ ପ୍ରଥମ,ଜଳ ବିଭାଜିକା ଦ୍ୱିତୀୟ ଏବଂ ଆଇ ଟି ଡି ଏ ତୃତୀୟ ପୁରସ୍କାର ମୁଖ୍ୟ ଅତିଥିଙ୍କ ଠାରୁ ଗ୍ରହଣ କରିଥିଲେ। ମଞ୍ଚରେ ୨୨ ଟି ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା ଢେମ୍ସା ନୃତ୍ୟ,ଆଦିବାସୀ ନୃତ୍ୟ, ରିଁଯୋଡ଼ି ନୃତ୍ୟ, ଦଣ୍ଡି ନୃତ୍ୟ ପରିବେଷଣ ସହ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କାକଟପୁର ମିଡ଼ିଆ ଫୋରମର ସାଧାରଣ ବୈଠକ




କାକଟପୁର:ମହାଭାରତ:କାକଟପୁରର ଏକମାତ୍ର ପଞ୍ଜିକରଣ ଗଣମାଧ୍ୟମ କାକଟପୁର ମିଡ଼ିଆ ଫୋରମର ସାଧାରଣ ବୈଠକ କୁତାମଚଣ୍ଡି ବନ୍ୟ ପରିବେଶ ମଧ୍ୟରେ ଅସ୍ଥାୟୀ ସଭାପତି ବରିଷ୍ଠ ଆଇନଜୀବି ପ୍ରଫୁଲ୍ଲ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଆଗାମୀ ସମୟସୀମା ପାଇଁ ଅନୁଷ୍ଠାନର କର୍ମକର୍ତ୍ତା ମନୋନୀତ କରାଗଲା। ନୂତନ ମନୋନୀତ ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ରାଉତ, ଉପସଭାପତି ମାନସ କୁମାର ସାମଲ, ସମ୍ପାଦକ ଶଙ୍କର ପ୍ରସାଦ ଦାସ,ସହ ସମ୍ପାଦକ ସତ୍ୟଜିତ ଦାଶ, କୋଷାଧ୍ୟକ୍ଷ କ୍ଷେତ୍ରମୋହନ ଦାଶଙ୍କୁ ମନୋନୀତ କରାଗଲା। ମିଡ଼ିଆ ଫୋରମର ଉପଦେଷ୍ଟା ଭାବେ ଜଗତସିଂହପୁର ସାଂସଦଙ୍କ ପୁରୀ ଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ଆଇନ ପରାମର୍ଶଦାତା ବରିଷ୍ଠ ଆଇନଜୀବି ପ୍ରଫୁଲ୍ଲ କୁମାର ନାୟକ, ମିଡ଼ିଆର କାର୍ଯ୍ୟନିର୍ବାହୀ କମିଟିକୁ ପ୍ରସନ୍ତ କୁମାର ପାତ୍ର, ବିପିନ ଦାସ, ଜ୍ଞାନରଞ୍ଜନ ବିଶ୍ୱାଳ,ଆର୍ଯ୍ୟ ବିଶ୍ୱାଳ,ଆର୍ତ୍ତ ଚରଣ ମହାନ୍ତିଙ୍କୁ ମନୋନୀତ କରାଯାଇଥିବା ସମ୍ପାଦକଙ୍କ ଠାରୁ ପ୍ରକାଶ। ଅନ୍ୟମାନଙ୍କ ମଧ୍ୟରେ ରଶ୍ମିରଞ୍ଜନ ସାହୁ,ବାବୁଲି ପାତ୍ର,ବିଜୟ କୁମାର ବେହେରା ସମୀର କୁମାର ମହାପାତ୍ର, ଚୈତନ୍ୟ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ର ୪୨ ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ

ବଡ଼ବିଲ/କୋଇଡ଼ା (ମହାଭାରତ) କେନ୍ଦୁଝର ଜିଲ୍ଲା ସ୍ଥିତ ବଡ଼ବିଲ ଖଣି ନିରାପତ୍ତା ମହା ନିର୍ଦ୍ଦେଶାଳୟ-ଡିଜିଏମଏସଙ୍କ ତ□ାବଧାନରେ ଅନୁଷ୍ଠିତ ୪୨ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ-୨୦୨୪ର ପ୍ରି-ଫାଇନାଲ ସମାରୋହରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର କାଶିଆ ଆଇରନ ଆଣ୍ଡ ଡୋଲାମାଇଟ ଓ ଟେନ୍ସା ମାଇନ୍ସକୁ ବିଭିନ୍ନ ବର୍ଗରେ ୮ଟି ପୁରସ୍କାର ମିଳିଛି। ତାଲିମ, ସ୍ୱାସ୍ଥ୍ୟ, ସୁରକ୍ଷା, ଜନକଲ୍ୟାଣ ଭଳି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏସବୁ ପୁରସ୍କାର ମିଳିଛି ।ଯୋଡ଼ାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାଶିଆ ମାଇନ୍ସକୁ ୫ଟି ବର୍ଗରେ ପୁରସ୍କାର ମିଳିଛି। ତାଲିମ, ସ୍ୱାସ୍ଥ୍ୟ ଓ ଜନକଲ୍ୟାଣ ବର୍ଗରେ କାଶିଆ ମାଇନ୍ସ ପ୍ରଥମ ସ୍ଥାନରେ ରହିଥିବା ବେଳେ ଗୋଷ୍ଠୀଗତ ଧନ୍ଦାମୂଳକ ତାଲିମ କେନ୍ଦ୍ର (ଜିଭିଟିସି) ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଦ୍ୱିତୀୟ ପୁରସ୍କାର, ନିରାପତ୍ତା ଓ ବୈଧାନିକ ନିୟମ ଅନୁପାଳନ ପାଇଁ ଦ୍ୱିତୀୟ ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ରକୁ ତୃତୀୟ, ଜରୁରୀକାଳୀନ ପ୍ରସ୍ତୁତି ଓ ମକଡ୍ରିଲ ପାଇଁ ତୃତୀୟ ପୁରସ୍କାର ମିଳିଛି। ସେହିପରି ଟେନ୍ସା ମାଇନ୍ସକୁ ମଧ୍ୟ ବିଭିନ୍ନ ବର୍ଗରେ ୩ଟି ପୁରସ୍କାର ମିଳିଛି। ତାଲିମ, ସ୍ୱାସ୍ଥ୍ୟ ଓ ଜନକଲ୍ୟାଣ ବର୍ଗରେ ପ୍ରଥମ, ଖନନ, ବିସ୍ଫୋଟନ ଓ ସୁରକ୍ଷିତ ବାରୁଦ ପରିଚାଳନା ପାଇଁ ଦ୍ୱିତୀୟ ପୁରସ୍କାର ସହିତ ଅଭିନବୀକରଣ ଓ ଡିଜିଟାଲକରଣ ପାଇଁ ମଧ୍ୟ ଦ୍ୱିତୀୟ ପୁରସ୍କାର ମିଳିଛି। ଏହି ସଫଳତା ପାଇଁ କାଶିଆ ମାଇନ୍ସର ୟୁନିଟ ମୁଖ୍ୟ ଶ୍ରୀ ପ୍ରମୋଦ କୁମାର ପାତ୍ର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ପୁରସ୍କାର ଆମର ଦଳଗତ ଉଦ୍ୟମକୁ ସ୍ୱୀକୃତି ପ୍ରଦାନ କରିବା ସହ ଏଥିରେ ସର୍ବୋଚ୍ଚ ନିରାପତ୍ତା ମାନକର ଅନୁପାଳନ, ଦଳଗତ କାର୍ଯ୍ୟକୁ ପ୍ରୋତ୍ସାହନ ଓ ନିରନ୍ତର ଉନ୍ନତି ପାଇଁ ଚାଲିଥିବା ପ୍ରୟାସ ପ୍ରତିଫଳିତ ହେଉଛି ବୋଲି ସେ କହିଛନ୍ତି।

## ସୁଲଣ ଗାଁ ରେ ସରକାରୀ ବିହନ ପ୍ରଶିକ୍ଷଣ

ହାଟଡିହ(ମହାଭାରତ): ହାଟଡିହି ବ୍ଲକ ସୁଲଣ ଗ୍ରାମ ସମବାୟ ବିଭାଗ କାର୍ଯ୍ୟାଳୟ ଠାରେ କୃଷକ ମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥି ରେ ଭିଏଡବ୍ଲ୍ୟୁ ଜଗନ୍ନାଥ ପରିଡ଼ା, ଉମେଶ ଚନ୍ଦ୍ର ପ୍ରଧାନ, ଏଜିଓ ଏ ଫିସି ତନ୍ମୟ କୁମାର ଚନ୍ଦ, କୃଷକ ସନାତନ ଜେନା, କାର୍ତ୍ତିକ ଶ୍ୱର ଜେନା, ବାବୁଲି ଚକ୍ର, ଚିତ ରଞ୍ଜନ ଜେନା, ମାଧବାନନ୍ଦ ଜେନା , ପ୍ରମୁଖ ଯୋଗ ଦେଇଥିଲେ। କିପରି ସରକାର ବିହନ ଗୁଡ଼ିକ କୃଷି ଅଧିକାରୀ ଙ୍କ ଦ୍ୱାରା ବଣ୍ଟନ କରୁଛନ୍ତି ଏବଂ କୃଷକ ମାନେ ଲାଭ ପାଇବେ ସବିଶେଷ ଆଲୋଚନା କରାଯାଇଥିଲା।

## ଖୋଲିଲା ଧାନ ମଣ୍ଡି, ଆରମ୍ଭ ହେଲା ଧାନ କିଣା

ରାଇଘର (ମହାଭାରତ): ଖୋଲିଲା ଧାନ ମଣ୍ଡି, ପୂଜାର୍ଚ୍ଚନା ପରେ ଆରମ୍ଭ ହେଲା ଧାନ କିଣା, ନବରଙ୍ଗପୁର ଜିଲ୍ଲା ସୀମାନ୍ତବର୍ତ୍ତୀ ରାଇଘର ବ୍ଲକ ଧୋଡ୍ରାପାରା ନିକଟସ୍ଥ ଆର ଏମ ସି ପରିସରରେ ରାଇଘର ଲ୍ୟାମ୍ପସ ପକ୍ଷରୁ ଧାନ ମଣ୍ଡି ର ଶୁଭାରମ୍ଭ କରାଯାଇଛି। ମଣ୍ଡି ଖୋଲିବା ଅବସରରେ ରାଇଘର ଲମ୍ପସ ମେନେଜିଙ୍ଗ ଡିରେକ୍ଟର ନିରାକାର ରାଉତ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦିନ ବୋଲି କହିଛନ୍ତି,ଏହି କାର୍ଯ୍ୟକ୍ରମ ରେ ବ୍ଲକ ଅଧ୍ୟକ୍ଷ ଗୁପ୍ତପ୍ରସାଦ ଝାଙ୍କର,ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଲିପିକା ବାରୋଇ, ବ୍ଲକ, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ପ୍ରୀତିସ୍ନିଗ୍ଧା ମହାପାତ୍ର, ନବରଙ୍ଗପୁର ସାଂସଦ ପ୍ରତିନିଧି ସୁଦର୍ଶନ ମାଝୀ,ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠି ଜିଲ୍ଲା ପରିଷଦ ସଭ୍ୟ ଯତୀନ୍ଦ୍ରନାଥ ଗଣ୍ଡ, ନାନାର ଖରା,ଖଗେଶ୍ୱର ହରିଜନ ପ୍ରମୁଖଙ୍କ ସହ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ । ଚଳିତ ଖରିଫ ବର୍ଷ ୨୦୨୪-୨୫ ସକାଶେ ଏଫ. ଏ. କ୍ୟୁ ଧାନ କ୍ୟୁଣ୍ଟାଲ ପିଛା ୨୩୦୦ ଟଙ୍କା ପ୍ରୋତ୍ସାହନ ରାଶି ୮୦୦ ଟଙ୍କା ବୋନସ ଆକାର ରେ ଟଙ୍କା ପାଇବେ ଚାଷୀ,ରାଇଘର, ମହଣ୍ଡ, ଗୋନା, ଯୋଡିଙ୍ଗା (ବୋରଗାଁ ), ହାଟଭରଣ୍ଡୀ (କରଲାପାରା )ଠାରେ ଧାନ କିଣିବାକୁ ନିର୍ଧାରଣ କରାଯାଇଛି। ନୂଆ ସରକାର ଆସିବା ପରେ ରାଜ୍ୟରେ ପ୍ରଥମ ଥର ଧାନ ସଂଗ୍ରହ କରାଯାଇଛି, କି ଭଳି ସୁରୁଖୁରୁରେ ଧାନ କିଣା ହେବ ସେ ନେଇ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି କରାଯାଇଛି ଧାନ କିଣା ରେ ସ୍ୱଚ୍ଛତା ରହିବ, କଟନୀ ଛଟନୀ ଉପରେ ଗୁରୁତ୍ୱ ଦିଆଯିବ କୋଉ ଭଳି ଧାନର ମାନ ରହିଛି ତାକୁ ମଧ୍ୟ ନିୟନ୍ତ୍ରଣ କରାଯିବ, ବାହାର ରାଜ୍ୟ ବେପାରୀ ଆସିବେ ନାହିଁ ତାକୁ ନେଇ ସ୍ୱଚ୍ଛତା ଅବଲମ୍ବନ କରାଯିବ ବୋଲି କହିଛନ୍ତି।

## ତାଲୁକ ଆଇନ ସେବା ସମିତି ପକ୍ଷରୁ ମାନବାଧିକାର ଦିବସ ପାଳନ

ବାଣପୁର :( ମହାଭାରତ )ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଆଜି ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ମାନବାଧିକାର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ଆଇନ ସଚେତନତା ସଭାର ଆୟୋଜନ ହୋଇଥିଲା । ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଉକ୍ତ ସଭାରେ ଅଧ୍ୟକ୍ଷତା କରିଥିବାବେଳେ ବରିଷ୍ଠ ଆଇନଜୀବୀ ଶ୍ୟାମସୁନ୍ଦର ମିଶ୍ର,ବିପ୍ଳବ କୁମାର ମୁଦୁଲି,ବାଣପୁର ଓକିଲ ସଂଘ ସମ୍ପାଦକ ରଞ୍ଜନ କୁମାର ବେଦମତ୍ତା,ଫ୍ର□ ଅଫିସ ରିଟେନର ପଦ୍ମଜା ପଟ୍ଟନାୟକ, ଆଇନଜୀବୀ ସୀତାରାମ ଅଗ୍ରୱାଲ ଓ କାମେଶ୍ୱର ଆଚାରୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ବିଚାରପତି ଶ୍ରୀ ମହାପାତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀ ଙ୍କୁ ମାନବାଧିକାର ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ବୁଝାଇଥିଲେ । ମନୁଷ୍ୟ ଟି ମନୁଷ୍ୟ ପରି ବଞ୍ଚିବା ଅଧିକାର, ଶିକ୍ଷାଗତ ଅଧିକାର, ସମାନତା ଅଧିକାର, ବଞ୍ଚିବା ପାଇଁ ଜଳ ଓ ସ୍ୱାସ୍ଥ୍ୟଗତ ଅଧିକାର,ନିଃଶୁଳ୍କ ଆଇନସେବା ଅଧିକାର ଏବଂ ବିଚାରଧୀନ ବନ୍ଦୀ ତ୍ୱରିତ ନ୍ୟାୟ ପାଇବା ପାଇଁ ତାହାର ଅଧିକାର ଥିବା ବିଚାରପତି ଶ୍ରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ତେବେ ମୁଖ୍ୟ ଅତିଥିଙ୍କ ଠାରୁ ମାନବାଧିକାର ବିଷୟରେ ବହୁମୂଲ୍ୟ ତଥ୍ୟ ଗ୍ରହଣ କରି ଛାତ୍ରଛାତ୍ରୀ ମାନେ ବେଶ ଖୁସି ଅନୁଭବ କରିଥିଲେ । ବରିଷ୍ଠ ଆଇନଜୀବୀ ଶ୍ରୀ ମୁଦୁଲି ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀ ମାନେ ଦାଇତ୍ୱବାନ ହେବା ସହ କିପରି ବିଭିନ୍ନ ଆଇନଗତ ଅଧିକାର ବିଷୟରେ ସଚେତନ ହେବେ ସେ ବିଷୟରେ ଉଲ୍ଲେଖ କରିଥିଲେ।

## ମା ତାରିଣୀ ସେବା ସଂଗଠନ ପକ୍ଷରୁ ମାନସିକ ବିକୃତ ଲୋକ ଙ୍କୁ ଶୀତ ବସ୍ତ୍ର ପ୍ରଦାନ



ହାଟଡିହ(ମହାଭାରତ): ହାଟଡିହି ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ର ସାମାଜିକ ସଂଗଠନ ମାନଂକ ମଧ୍ୟରୁ ମା ତାରିଣୀ ସେବା ସଂଗଠନ ନିଆରା କାର୍ଯ୍ୟକ୍ରମ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ରେ ସଂଗଠନ କର୍ମ କର୍ତ୍ତା ମାନେ ରାସ୍ତା କଡ ରେ ବୁଲୁଥିବା ମାନସିକ ବିକୃତ ଲୋକ ମାନଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଛି। ଏହି ଅନୁଷ୍ଠାନ ବିଗତ ଦିନରେ କିଛି ମାନସିକ ବିକୃତ ବ୍ୟକ୍ତି ନୂତନ ବସ୍ତ୍ର ପ୍ରଦାନ କରି ଖାଦ୍ୟ ପାନୀୟ ବ୍ୟବସ୍ଥା କରିଥିଲେ। ଯାହାକୁ ନେଇ ହାଟଡିହି ଅଞ୍ଚଳ ର ବୁଦ୍ଧି ଯିବି ମାନେ ଏଭଳି କାର୍ଯ୍ୟକ୍ରମ ବେଶ୍ ପସନ୍ଦ କରିଛନ୍ତି।

## ପୂର୍ବତନ ତହସିଲଦାର କୁନ୍ଦୁରି ଚରଣ ସାହୁଙ୍କ ବିୟୋଗ

ବିଷମ କଟକ:ରାୟଗଡ଼ା ଜିଲ୍ଲା ବିଷମ କଟକ ନିବାସୀ କୁନ୍ଦୁରି ଚରଣ ସାହୁ ଙ୍କ ୭୨ ବର୍ଷ ବୟସରେ ଭୁବନେଶ୍ୱର ସ୍ଥିତ ଆପୋଲ ହସ୍ପିଟାଲ୍ ଠାରେ ବୁଧବାର ୧୧ ଟା ସମୟରେ ମୃତୁ ବରଣ ଘଟିଛି । ସେ ବହୁ ଦିନ ଧରି କିଡନୀ ରୋଗରେ ଆକ୍ରାନ୍ତ ଥିଲେ। ସେ ଜଣେ ମେଳାପି ଓ ଧର୍ମ ପରାୟଣ ବ୍ୟକ୍ତି ଥିଲେୟ ତାଙ୍କର ବିୟଗରେ ଅଞ୍ଚଳରେ ଶୋକର ପରିବେଶ ଖେଳିଯାଇଛି।

## ସାମ୍ବାଦିକଙ୍କ ସମେତ ମହିଳା ଜନ କଲ୍ୟାଣ ସଂଗଠନ ପକ୍ଷରୁ ନୂତନ ତହସିଲଦାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଦେବଗଡ (ମହାଭାରତ): ବୁଧବାର ଦିନ ବାରକୋଟ ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଭାବେ ରବୀନ୍ଦ୍ର ସାମଲ ଯୋଗଦେଇଛନ୍ତି ।ଏ ନେଇ ବାରକୋଟ ସାମ୍ବାଦିକଙ୍କ ସମେତ ବାରକୋଟ ମହିଳା ଜନ କଲ୍ୟାଣ ସଂଗଠନ ତରଫରୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସଂବର୍ଦ୍ଧନା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସାମ୍ବାଦିକ ସୁଦାମ ବେହେରା ,ପୁଷ୍ପାଞ୍ଜଳୀ ବେହେରା ତଥା ମହିଳା ଜନ କଲ୍ୟାଣ ସଂଗଠନର ଟିମ ଲିଡର ଗୀତାଞ୍ଜଳି ମହାନ୍ତି, ବ୍ଲକ କୋଡ଼ିନେଟର ଗୋଲାପ ସାହୁ, ଜନସାଥି ଆରତୀ ପାତ୍ର, ନିରୁପମା ପାତ୍ର,ଟୁନି ପଘତ୍ର ,ମଲି ପାତ୍ର ଉର୍ମି ଲିଡର ରିତାବିନ୍ଦୁ ତାପ, ପୁଷ୍ପାଞ୍ଜଳୀ ବେହେରା ଉପସ୍ଥିତ ରହିଥିଲେ।ଦିର୍ଘଦିନ ହେଲା ବାରକୋଟ ତହସିଲରେ ପଦବୀ ଖାଲି ରହିଥିବାରୁ ବିଭିନ୍ନ କାର୍ଯ୍ୟରେ ସମସ୍ୟା ଦେଖା ଯାଉଥିଲା ।ବର୍ତ୍ତମାନ ଲୋକେ ସବୁ ସମସ୍ୟା ସୁବିଧାରେ ସରକାରଙ୍କ ଯୋଜନାରେ ଉପକୃତ ହୋଇପାରିବେ ଏଥିପ୍ରତି ଧ୍ୟାନ ଦିଆଯିବ ବୋଲି ନୂତନ ତହସିଲଦାର ପ୍ରକାଶ କରିଥିଲେ।

# ଫିଙ୍କା ପଡିଲା ବରୀ ଲୋକ ମହୋତ୍ସବ

ବରୀ(ମହାଭାରତ);ବରୀ ଭଳି ଏକ ସଂଗ୍ରମୀ ମାଟିରେ ଲୋକ ମହୋତ୍ସବ ପାଳନ କରାଯାଉଥିବା ବେଳେ ଏହି ଅଂଚଳର ଜନ ସାଧାରଣଙ୍କ ଦ୍ୱାରା ଏହା ଯଥେଷ୍ଟ ଆଦୃତ ହୋଇଥିଲା ମାତ୍ର ଚଳିତ ବର୍ଷ ଏହି ଅନୁଷ୍ଠାନ ପକ୍ଷରୁ ଉଦ୍ଘାଟନ ଦିବସରେ ଉଦ୍ଘାଟକ ଭାବେ ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ , ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ମୁଖ୍ୟ ବକ୍ତା ଭାବେ ମଧୁସୂଦନ ଦାସ, ସମ୍ମାନୀୟ ଅତିଥି ଭାବେ ବର୍ଷା ପ୍ରିୟଦର୍ଶିନୀ, ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡି ଓ ବରୀର ଭାରପ୍ରାପ୍ତ ବିଡିଓ ମହେଶ୍ୱର ସେଠି ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବାର ନିମନ୍ତ୍ରଣ ପତ୍ର ବଂଟନ କରାଯାଇଥିଲା। ସେହିପରି ଆସନ୍ତା ୧୪,୧୨,୨୦୨୪ ରିଖ କାର୍ଯ୍ୟକ୍ରମର ବଂଟନ କରାଯାଇଥିବା ନିମନ୍ତ୍ରଣ ପତ୍ର ପୂର୍ବ ନିର୍ଦ୍ଧାରିତ ଅତିଥି ଭାବେ ମୁଖ୍ୟ ଅତିଥି ଯାଜପୁର ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରା, ମୁଖ୍ୟ ବକ୍ତା ଆକାଶ ଦାସ ନାୟକ, ସମ୍ମାନିତ ଅତିଥି ଓଡିଶା ପ୍ରଶାସନିକ ଅଧିକାରୀ ମାନସ ରଞ୍ଜନ ଭୋଇ , ଉମାଉଶ ଚନ୍ଦ୍ର ଜେନା , ଦିଲ୍ଲୀପ କୁମାର ଜେନାଙ୍କ ନାମ ରହିଥିଲା। କିନ୍ତୁ କାର୍ଯ୍ୟକ୍ରମ ଆରମ୍ଭ ହେବାର ଦୁଇ ଦିନ ଆଗରୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନାମ ଯୋଡା ଯାଇ ଅନ୍ୟ ଏକ ନିମନ୍ତ୍ରଣ ପତ୍ର ଛପା ଯିବା ସହିତ ଏହାକୁ ଦଳୀୟ ଭିତିରେ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଏହି କାର୍ଡ ବଂଟନ କରାଯିବା ଘଟଣା ରାଜନୈତିକ ଉଦ୍ଦେଶ୍ୟ ସହିତ ସାନ୍ତ ବରୀ କୁ ଅଂଶାନ୍ତ କରିବା ଉଦ୍ଦେଶ୍ୟ ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏତଦ୍ ବ୍ୟତିତ ଏହି କାର୍ଯ୍ୟକ୍ରମରେ ବରୀ ପୁଅ ପ୍ରାକ୍ତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା ଉମେଶ ଜେନା , ଦିଲ୍ଲୀପ ଜେନା ସମେତ ବରୀ ଅଂଚଳର ରାଜନେତା ମାନଙ୍କୁ ଏହି କାର୍ଯ୍ୟକ୍ରମର ବିଭିନ୍ନ ଦିନରେ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲେ ମଧ୍ୟ ବରୀ ଝିଅ ତଥା ପ୍ରାକ୍ତନ ବରୀ



ବିଧାୟିକା ସୁନନ୍ଦା ଦାସ ଓ ୨୦ ବର୍ଷ ଧରି ବରୀର ବିଧାୟକ ରହିଥିବା ପ୍ରାକ୍ତନ ବିଧାୟକ ଦେବାଶିଷ ଦାସଙ୍କୁ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନିମନ୍ତ୍ରଣ କରାନଯିବା ଘଟଣାକୁ ବରୀ ଅଂଚଳର ବୁଦ୍ଧିଜୀବୀ ମାନେ ଅନୁଷ୍ଠାନର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ବିଶେଷ କରି ଗତ କାଲି ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ ସରକାରୀ କାର୍ଯ୍ୟରେ ବ୍ୟସ୍ତ ରହିବା ଯୋଗୁଁ ଏହି କାର୍ଯ୍ୟକ୍ରମରେ ରହି ପାରିବେ ନାହିଁ ବୋଲି ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଦୁଃଖ ପ୍ରକାଶ କରିଛନ୍ତି। ଏଠାରେ ପ୍ରଶ୍ନ ଉଠେ ଅଣ ପଞ୍ଜିକୃତ ଅନୁଷ୍ଠାନଟି ନିର୍ଦ୍ଦିଷ୍ଟ କିଛି ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ ବରୀ ମହୋତ୍ସବ ନାମରେ ନାମିତ କାର୍ଯ୍ୟକ୍ରମରେ ପ୍ରଥମ ଦିନର ଅତିଥି ଭାବେ କେହି ଯୋଗ ନ ଦେବା ଘଟଣା ବରୀର ସ୍ୱାଭିମାନ ପ୍ରତି ଆଂଚ୍ ଆସିଛି ବୋଲି ବୁଦ୍ଧୀଯିବୀ ମାନେ ଅତ୍ୟନ୍ତ କ୍ଷୋଭ ପ୍ରକାଶ କରିଛନ୍ତି। ଏଥି ସହିତ କିଛି ଦିନ ପୂର୍ବରୁ ଧର୍ମଶାଳା ପ୍ରାକ୍ତନ ବିଧାୟକ ପ୍ରଣବ ବଳବନ୍ତ ରାୟ ଙ୍କ ଗାଡିକୁ ଅଣ୍ଡା ମାଡ ଘଟଣାରେ ବର୍ତ୍ତମାନର ବିଧାୟକ ହିମାଂଶୁ ସାହୁ ସାମାଜିକ ଗଣ ମାଧ୍ୟମରେ କ୍ଷମା ମାଗୁଥିଲେ । କିଛି ଦିନ ତଳେ ବିଧାୟକ ଶ୍ରୀ ସାହୁ ମଦ୍ୟ ପାନ କରୁଥିବା ସହିତ ନିଜ ସହିତ ମଦ୍ୟ ପାନ କରିବାକୁ ନିମନ୍ତ୍ରଣ କରିବାର ଭିଡିଓ ସାମାଜିକ ଗଣ ମାଧ୍ୟମରେ ଘୁରି ବୁଲିବା ପରେ ସେ ମଦ୍ୟ ପାନ କରନ୍ତି ବୋଲି ସ୍ୱୀକାର କରିବା ସହିତ ବିଭିନ୍ନ ପ୍ରଶାସନିକ ଅଧିକାରୀ ଓ ରାଜନେତା ମଦ୍ୟପାନ କରୁଥିବାର କଥା ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। ସେହି ପରି ବିଧାୟକ ହିମାଂଶୁ ସାହୁ ଯାଜପୁର ଗସ୍ତ ସମୟରେ ବିଶୃଙ୍ଖଳା ସୃଷ୍ଟି ହେବା ଘଟଣା ପରେ ଉଦ୍ଦେଶ୍ୟ ମୂଳକ ଭାବେ ବରୀ ଭଳି ଏକ ଶାନ୍ତ ପ୍ରୀୟ ଅଂଚଳରେ ତାଙ୍କୁ ଅତିଥି କରାଯିବା ଆଳରେ ବିଶୃଙ୍ଖଳା ସୃଷ୍ଟି କରାଯିବା ନେଇ ଅନୁଷ୍ଠାନର କିଛି କର୍ମକର୍ତ୍ତା ଏଭଳି ଏହି ଉପାୟ ଅଲମ୍ବନ କରୁଛନ୍ତି ବୋଲି ସାମାଜିକ ଗଣ ମାଧ୍ୟମରେ ଚର୍ଚ୍ଚା ଯୋର ଧରିଛି। ଯାହାକୁ ନେଇ ଯାଜପୁର ଏସପି ଏହାକୁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# କଂଗ୍ରେସକୁ ଟିଏମ୍‌ସିର କଟାକ୍ଷ

**ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି):** ଇଣ୍ଡିଆ ମେଣ୍ଟର କମାଣ ସମ୍ଭାଳିବାକୁ ନେଇ ଦୁଇ ସହଯୋଗୀ ଦଳ କଂଗ୍ରେସ ଏବଂ ତୃଣମୂଳ କଂଗ୍ରେସ ଭିତରେ ବାକ୍ ଯୁଦ୍ଧ ଜାରି ରହିଛି। ଆଉ ଦୁଇ ଦଳ ମଧ୍ୟରେ ବିବାଦ ଏବେ ସଂସଦରେ ମଧ୍ୟ ତେଜିବାକୁ ଲାଗିଲାଣି । ଆଦାନୀ ସମେତ ବିଭିନ୍ନ ପ୍ରସଙ୍ଗରେ କଂଗ୍ରେସ ନେତୃତ୍ୱରେ ବିରୋଧୀ ମେଣ୍ଟର ସାଂସଦମାନେ ସଂସଦ ବାହାରେ ଜାରି ରଖିଥିବା ବିରୋଧ ବୁଧବାର ମଧ୍ୟ ଗୃହକୁ ଅଚଳ କରିଛି । ଯାହାକୁ ନେଇ କଂଗ୍ରେସକୁ କଟାକ୍ଷ କରିଛି ତୃଣମୂଳ କଂଗ୍ରେସ । ସଂସଦର ଅଚଳାବସ୍ଥା ନେଇ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ ଗୃହ କାର୍ଯ୍ୟ ସୁନିଶ୍ଚିତ କରିବାକୁ ଆମେ ଚେଷ୍ଟା କରୁଛୁ । ଗୃହରେ ଚର୍ଚ୍ଚା ହେବା ଉଚିତ୍ ୧୩ ତାରିଖରେ ସମ୍ବିଧାନ ଉପରେ ବିତର୍କ



ହେବା ଉଚିତ୍ । ସେମାନେ ମୋ ଉପରେ କିଛି ବି ଅଭିଯୋଗ କରନ୍ତୁ, କିନ୍ତୁ ଆଲୋଚନା ହେବା ଉଚିତ୍ । ରାହୁଲ କହିଛନ୍ତି ଯେ ଆଦାନୀଙ୍କ ଉପରେ ଆଲୋଚନା କରିବାକୁ କେନ୍ଦ୍ର ସରକାର ଚାହୁଁନାହାଁନ୍ତି। ସେମାନେ ଆଦାନୀ ପ୍ରସଙ୍ଗରୁ ଦେଶର ନଜର ହଟାଇବାକୁ ଚାହୁଁଛନ୍ତି । ଆମେ କିନ୍ତୁ ଛାଡିବୁ ନାହିଁ । ସେମାନେ ଆମ ଉପରେ ନାନା ଅଭିଯୋଗ କରିବେ, କିନ୍ତୁ ଗୃହ କାର୍ଯ୍ୟ ଚାଲିବା ଜରୁରୀ । ତେବେ ତାଙ୍କ ଉପରେ ବିଜେପି ସାଂସଦ ଲଗାଇଥିବା ମିଥ୍ୟା ଅଭିଯୋଗ ରେକର୍ଡରୁ ହଟାଇବା ପାଇଁ ସେ ବାଚସ୍ପତି ଓମ ବିର୍ଲାଙ୍କୁ ଭେଟି ଦାବି କରିଥିବା କହିଛନ୍ତି । ସେପଟେ ଗୃହର ଅଚଳାବସ୍ଥା ନେଇ ରାହୁଲଙ୍କୁ କଟାକ୍ଷ କରିଛନ୍ତି ତୃଣମୂଳ କଂଗ୍ରେସ ସାଂସଦ କଲ୍ୟାଣ ବାନାର୍ଜୀ । ଗୃହ କିପରି ଚାଲିବ ବା ନଚାଲିବ ଏହା ଉଭୟ କଂଗ୍ରେସ ଓ ବିଜେପିର ଇଚ୍ଛା ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ସମାନେ ନିଷ୍ପତ୍ତି କରୁଛନ୍ତି ଗୃହ କେମିତି ଓ କେତେଦିନ ଚାଲିବ । ଏହା ଉଚିତ ନୁହେଁ । ସଂସଦରେ ବିଜେପି ଓ କଂଗ୍ରେସ ସାଂସଦମାନେ କହିବାକୁ ଅଧିକ ସମୟ ପାଉଛନ୍ତି । ଅନ୍ୟ ଦଳଗୁଡ଼ିକୁ ସେତିକି ସୁଯୋଗ ମିଳୁନାହିଁ ।

# ସିରିୟା ଉପରେ ୪୮୦ ଏୟାରଷ୍ଟ୍ରାଇକ୍ କରିଛି ଇସ୍ରାଏଲ

**ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି):** ସିରିଆରେ ଅସଦ ଶାସନର ପତନ ପରେ ଇସ୍ରାଏଲ ଏକ ବଡ଼ କାମ ଆରମ୍ଭ କରିଛି । ସମଗ୍ର ସିରିଆରେ ସାମରିକ ଟାର୍ଗେଟ ଉପରେ ଇସ୍ରାଏଲ ଏୟାର ଷ୍ଟ୍ରାଇକ ଆରମ୍ଭ କରିଛି । ୫୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଅସୈନିକୃତ ବଫର ଜୋନ୍ ଏବଂ ଏହାର ବାହାରେ ଗ୍ରାଉଣ୍ଡ ସୈନ୍ୟ ମୁତୟନ କରାଯାଇଛି । ଇସ୍ରାଏଲ୍ ସେନା କହିଛି ଯେ ଗତ ଦୁଇ ଦିନ ମଧ୍ୟରେ ସିରିଆରେ ପ୍ରାୟ ୪୮୦ ଷ୍ଟ୍ରାଇକ୍ କରିଛି । ଏହାଦ୍ୱାରା ସିରିଆର ରଣନୀତିକ ଅସ୍ତ୍ରଶସ୍ତ୍ର ଭଣ୍ଡାର କ୍ଷତିଗ୍ରସ୍ତ ହୋଇଛି । ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କ୍ୟାଟ୍ଜ କହିଛନ୍ତି ଯେ ଇସ୍ରାଏଲ୍ ନୌସେନା ଲଟକିଆରେ ସିରିଆର ନୌସେନା ଜାହାଜକୁ ଧ୍ୱଂସ କରିଦେଇଛି, ଯାହା ଏକ ବଡ଼ ସଫଳତା ଅଟେ । ଏହାର ଗୋଟିଏ ଦିନ ପୂର୍ବରୁ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ବଶାର ଅଲ-ଆସାଦଙ୍କ ଶାସନର ପତନକୁ ଏକ ନୂତନ ତଥା ନାଟକୀୟ ଅଧ୍ୟାୟ ବୋଲି ବର୍ଣ୍ଣନା କରିଥିଲେ । ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ସିରିଆ ଶାସନର ପତନ ହେଉଛି ହମାସ, ହିଜବୁଲ୍ଲାହ ଏବଂ ଇରାନ ପାଇଁ ଏକ ଗୁରୁତର ଝଟକା । ମୁଁ ଯେପରି ପ୍ରତିଶ୍ରୁତି ଦେଇଥିଲି, ଆମେ ମଧ୍ୟପ୍ରାଚ୍ୟର ଚେହେରାକୁ ପରିବର୍ତ୍ତନ କରୁଛୁ । ଇରାନର ସହଯୋଗୀ ଆସାଦଙ୍କ ପତନରେ ଇସ୍ରାଏଲର ଅଧିକାରୀମାନେ ଖୁସି ବ୍ୟକ୍ତ କରିଛନ୍ତି । ଲେବାନନରେ ହିଜବୁଲ୍ଲାହ ଅସ୍ତ୍ରଶସ୍ତ୍ର ଯୋଗାଣ ପାଇଁ ସିରିଆ ଏକ ବାଟ ପ୍ରଦାନ କରିଥିଲା। ଇସ୍ରାଏଲ୍ ଅଧିକାରୀମାନେ ସିରିଆରେ କ୍ଷମତାକୁ ଆସିବାକୁ ଯାଉଥିବା ଚରମପନ୍ଥିଙ୍କୁ ନେଇ ଚିନ୍ତିତ ଅଛନ୍ତି। ଇସ୍ରାଏଲର ବୈଦେଶିକ ମନ୍ତ୍ରୀ ସୋମବାର କହିଛନ୍ତି ଯେ ଇସ୍ରାଏଲ ସିରିଆରେ ଏକ ମିସାଇଲ ଏବଂ ରାସାୟନିକ ଅସ୍ତ୍ରଶସ୍ତ୍ର କାରଖାନା ଉପରେ ଆକ୍ରମଣ କରିଛି, ଯାହାଫଳରେ ଏହା କୌଣସି ଭୁଲ ଲୋକର ହାତରେ ଯେପରି ନ ପଡ଼େ । ଭବିଷ୍ୟତରେ କ'ଣ ହେବ ସେ ବିଷୟରେ କିଛି କୁହାଯାଇପାରିବ ନାହିଁ ବୋଲି ବୈଦେଶିକ ମନ୍ତ୍ରୀ କହିଛନ୍ତି । କିନ୍ତୁ ବର୍ତ୍ତମାନ ଇସ୍ରାଏଲର ସୁରକ୍ଷା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଜରୁରୀ ଅଟେ ।

# ସ୍ମାର୍ଟ ଇଣ୍ଡିଆ ହାକାଥନ ପ୍ରତିଯୋଗୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ମତ ବିନିମୟ

**ଭୁବନେଶ୍ୱର,୧୧।୧୨ (ସ୍ୱାଧିକାର ନ୍ୟୁଜ):** ଆମ ଯୁବ ଶକ୍ତିଙ୍କ ପ୍ରତିଭା ଓ ଚତୁରତା ଅସାଧାରଣ। ଆମର ଯୁବଶକ୍ତି, ଅଭିନବ ଯୁବଶକ୍ତି ଏବଂ ବୈଷୟିକ ଶକ୍ତି ଭାରତର ଶକ୍ତି ହୋଇଛି ବୋଲି ସାରା ବିଶ୍ୱ କହୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ସ୍ମାର୍ଟ ଇଣ୍ଡିଆ ହାକାଥନ୍ – ୨୦୨୪(ଏସଆଇଏଚ)ର ଗ୍ରାଣ୍ଡ ଫିନାଲେରେ ଯୁବ ଉଦ୍ଭାବକମାନଙ୍କ ସହ ମତ ବିନିମୟ କରିବା ଅବସରରେ ଏହା କହିଛନ୍ତି।

ସେହିପରି ପ୍ରଧାନମନ୍ତ୍ରୀଙ୍କ ଏହି ମତ ବିନିମୟ କାର୍ଯ୍ୟକ୍ରମ ଓ ସକାଳେ ଏହି ହାକାଥନକୁ ଭର୍ଚୁଆଲ ପ୍ଲାଟଫର୍ମରେ ଉଦଘାଟନ କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ସ୍ମାର୍ଟ ଇଣ୍ଡିଆ ହାକାଥନ୍ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଅନ୍ୟତମ ପ୍ରତୀକ ହୋଇଛି । ଏହି ହାକାଥନ ଭାରତର ବିଶାଳତା ଓ ବିବିଧତାକୁ ଦର୍ଶାଇବା ସହ 'ସବକା ପ୍ରୟାସ'ର ଭାବନାକୁ ପ୍ରତିଫଳିତ କରୁଛି ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି । ସ୍ମାର୍ଟ ଇଣ୍ଡିଆ ହାକାଥନର ଏହି ପ୍ଲାଟଫର୍ମ ଭାରତକୁ ସବୁଠାରୁ ଅଭିନବ, ପ୍ରଗତିଶୀଳ ଏବଂ ସମୃଦ୍ଧ ଦେଶରେ ପରିଣତ କରିବାରେ ବଡ ଭୂମିକା ଗ୍ରହଣ କରିବ । ସ୍ମାର୍ଟ ଇଣ୍ଡିଆ ହାକାଥନର କଳ୍ପନା କରିଥିବାରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ । ସେ କହିଛନ୍ତି ଯେ ଆଜି ସ୍ମାର୍ଟ ଇଣ୍ଡିଆ ହାକାଥନର ଗ୍ରାଣ୍ଡ ଫିନାଲେରେ ସାରା ଦେଶର ଯୁବ ଉଦ୍ଭାବକମାନଙ୍କୁ ପ୍ରୋତ୍ସାହିତ ଓ ମାର୍ଗଦର୍ଶନ ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଆମର ଯୁବ ଶକ୍ତିଙ୍କ ମଧ୍ୟରେ ନୂତନ ଭରିଦେଇଛି ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ବିଗତ ୭ ବର୍ଷ ମଧ୍ୟରେ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ଅନେକ ସମସ୍ୟାର ସମାଧାନ ପ୍ରଦାନ କରିଛି । ଆଗାମୀ ସ୍ମାର୍ଟ ଇଣ୍ଡିଆ ହାକାଥନରେ ଆମର ଯୁବ ଉଦ୍ଭାବକମାନେ କେବଳ ଭାରତର ନୁହେଁ ବରଂ ବିଶ୍ୱ ସମସ୍ୟାର ସମାଧାନ ଦିଗରେ ମଧ୍ୟ କାର୍ଯ୍ୟ କରିବେ । ସ୍ମାର୍ଟ ଇଣ୍ଡିଆ ହାକାଥନ ସହିତ 'ୟଙ୍ଗ ଲିଡର୍ସ ଡାଏଲଗ' ଭଳି ପ୍ରୟାସରେ ସାମିଲ ହୋଇ ଏକ ବିକଶିତ ଭାରତ ପାଇଁ ସେମାନଙ୍କର ଆଇଡିଆ ଏକ୍ସଚେଞ୍ଜ୍ କରିବେ । ବିକଶିତ ଭାରତର ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଆମର ଯୁବଶକ୍ତି ହିଁ ଆମର ଆଶା ଓ ପ୍ରେରଣା । ଏଥିପାଇଁ ଭାରତର ଅମୃତ ପିଢ଼ିଙ୍କୁ ସଠିକ୍ ସମୟରେ ସବୁ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାର ପ୍ରତିଶ୍ରୁତିବଦ୍ଧ ।

ଏହି ହାକାଥନ ଇନୋଭସନ ଏବଂ ସୃଜନଶୀଳତାର ହଟସ୍ପଟ୍ ପାଲଟିଛି । ଏହି ପ୍ଲାଟଫର୍ମରେ ସମଗ୍ର ଦେଶର ଛାତ୍ରଛାତ୍ରୀମାନେ ସମସାମୟିକ ଆହ୍ୱାନର ସମାଧାନ ଖୋଜିବା ପାଇଁ ମନ ବଳାଇଛନ୍ତି । ଛାତ୍ରଛାତ୍ରୀମାନେ ହିଁ ବିକଶିତ ଭାରତର ନେତୃତ୍ୱ ନେବେ । ତେଣୁ ସେମାନଙ୍କର ଇନୋଭେସନ ଏବଂ ଉତ୍ସାହ ଦ୍ୱାରା ବିଶ୍ୱ ଆହ୍ୱାନର ସମାଧାନ ହୋଇପାରିବ । ଦେଶର ଯୁବବର୍ଗଙ୍କ ପ୍ରତିଭା, ଦୂରଦୃଷ୍ଟି, କଠିନ ପରିଶ୍ରମ, ନେତୃତ୍ୱ ଏବଂ ନୂଆ ଚିନ୍ତାଧାରା ଭାରତକୁ ଏକବିଂଶ ଶତାବ୍ଦୀର ଜ୍ଞାନ ଆଧାରିତ ଅର୍ଥନୀତିରେ ପରିଣତ କରିବାରେ ସହାୟକ ହେବ । ଏହି କାର୍ଯ୍ୟକ୍ରମ ଉଭା ହେଉଥିବା ଅର୍ଥନୀତି ପାଇଁ ଏକ ବିକାଶ ମଡେଲ୍ ତଥା ବିଶ୍ୱର ଅଭିବୃଦ୍ଧି ଇଞ୍ଜିନ୍ ଭାବରେ ଉଭା ହେବା ପାଇଁ ଆମର ମାର୍ଗ ପ୍ରଶସ୍ତ କରିବ । ଦେଶର ନୂଆପିଢ଼ିଙ୍କ ମଧ୍ୟରେ ଉଦ୍ଭାବନ, ଉଦ୍ୟମିତା, ସମସ୍ୟା ଆଧାରରେ ସମାଧାନ କରିବା ଏବଂ ଅନୁସନ୍ଧାନର ଆଗ୍ରହକୁ ପ୍ରୋତ୍ସାହନ ଦେବା ଦିଗରେ ପ୍ରଧାନମନ୍ତ୍ରୀ ସର୍ବଦା ଗୁରୁତ୍ୱ ଦେଇ ଆସୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଦେଶରେ ଗମ୍ଭୀର ସମସ୍ୟାର ସମାଧାନ ଖୋଜିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ବିଗତ ସାତ ବର୍ଷ ଧରି ସ୍ମାର୍ଟ ଇଣ୍ଡିଆ ହାକାଥନ ଆୟୋଜନ ହୋଇଆସୁଛି।

# ଏକାକୀ ନିର୍ବାଚନ ଲଢିବ ଆପ୍

**ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି):** ଆମ୍ ଆଦମୀ ପାର୍ଟି (ଆପ୍) ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ପୁଣି ଥରେ ଦୋହରାଇଛନ୍ତି ଯେ ତାଙ୍କ ଦଳ ଆଗାମୀ ଦିଲ୍ଲୀ ବିଧାନସଭା ନିର୍ବଚନରେ ଏକାକୀ ପ୍ରତିଦ୍ୱନ୍ଦ୍ୱିତା କରିବ । ଏହାସହିତ ସେ କଂଗ୍ରେସ ସହ ସମ୍ଭାବ୍ୟ ମେଣ୍ଟ ସମ୍ପର୍କରେ ଥିବା କଳ୍ପନା ଜଳ୍ପନାକୁ ଖଣ୍ଡନ କରି କହିଛନ୍ତି କି ତାଙ୍କ ଦଳ କୌଣସି ବି ମତେ ଆଗାମୀ ନିର୍ବାଚନରେ କଂଗ୍ରେସହ ମେଣ୍ଟ କରିବ ନାହିଁ। କେଜ୍ରିୱାଲ ପୂର୍ବରୁ ଏକ୍ସରେ ଏକ ପୋଷ୍ଟ କରି କହିଛନ୍ତି ଯେ, ଆମ୍ ଆଦମୀ ପାର୍ଟି ଦିଲ୍ଲୀରେ ନିଜର ଶକ୍ତି ଅନୁସାରେ ଏହି ନିର୍ବାଚନ ଲଢିବ ।କଂଗ୍ରେସ ସହ କେଣସି ମେଣ୍ଟ ହେବାର ସମ୍ଭାବନା ନାହିଁ। କେଜ୍ରିୱାଲଙ୍କ ବିବୃତ୍ତିରେ ଦର୍ଶାଯାଇଛି ଯେ ଦିଲ୍ଲୀ ନିର୍ବାଚନ ପାଇଁ କଂଗ୍ରେସ ସହ ଆସନ ବାଣ୍ଟିବାର ବୁଝାମଣା ଶେଷ ପର୍ଯ୍ୟାୟରେ ରହିଛି । ଚଳିତ ମାସ ଆରମ୍ଭରେ କେଜ୍ରିୱାଲ ସ୍ପଷ୍ଟ ଭାବରେ କହିଥିଲେ ଯେ ଦଳ କ୍ରମାଗତ ତୃତୀୟ ଥର ପାଇଁ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ କାହା ସହ ମେଣ୍ଟ କରିବ ନାହିଁ।୨୦୧୫ ମସିହାରୁ ଦିଲ୍ଲୀରେ



ଆପ୍ କ୍ଷମତାରେ ଅଛି । ଆଗକୁ ମଧ୍ୟ ଏକାକୀ ଲି ବିଜେପିର ଉଦ୍ୟମ ବିରୋଧରେ ଶାସକ ଦଳର ଶାସନ ପ୍ରମାଣପତ୍ର ପରୀକ୍ଷା କରିବ । ହେବାକୁ ଥିବା ଆଗାମୀ ବିଧାନସଭା ନିର୍ବାଚନ, ସହର-ରାଜ୍ୟରେ ଏହାର ପ୍ରଭାବ ବିସ୍ତାର କରିବାକୁ ବିଜେପିର ଉଦ୍ୟମ ବିରୁଦ୍ଧରେ ଶାସକ ଦଳର ଶାସନ ପ୍ରମାଣପତ୍ର ପରୀକ୍ଷା କରିବ । ୨୬ଟି ବିରୋଧୀ ଦଳର ମିଳିତ ମଞ୍ଚର ଇଣ୍ଡିଆ ବ୍ଲକ୍ ରାଜଧାନୀରେ ବିଜେପି ବିରୋଧୀ ଭୋଟ୍ ଏକତ୍ର କରିବାକୁ ଆଶା ରଖିଥିଲା, କିନ୍ତୁ କେଜ୍ରିୱାଲଙ୍କ ଆଭିମୁଖ୍ୟ ସବୁ କିଛି ଓଲଟ ପାଲଟ କରିଦେଇଛି ।

# ବଢିଲା ଜଷ୍ଟିସ ଯାଦବଙ୍କ ଅଡୁଆ

**ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି):** ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ଶେଖର କୁମାର ଯାଦବ ଦେଇଥିବା ବିବାଦୀୟ ବୟାନକୁ ଗୁରୁତ୍ୱର ସହ ନେଇଛନ୍ତି ସୁପ୍ରିମକୋର୍ଟ । ବିଶ୍ୱ ହିନ୍ଦୁ ପରିଷଦ (ଭିଏଚପି) ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଜଷ୍ଟିସ ଯାଦବ ଗୋଟିଏ ନିର୍ଦ୍ଦିଷ୍ଟ ସଂପ୍ରଦାୟର ଲୋକଙ୍କୁ ଟାର୍ଗେଟ କରିଥିବା ଅଭିଯୋଗ ହୋଇଛି। ଆଜି ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଏସଂକ୍ରାନ୍ତରେ ଗୋଟିଏ ଅଭିଯୋଗ ପାଇଛନ୍ତି । ଏଥିରେ ଜଷ୍ଟିସ ଯାଦବଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ଅଭିଯୋଗ ପାଇବା ପରେ ପ୍ରଧାନ ବିଚାରପତି ଜଷ୍ଟିସ ଖାନ୍ନା ଆହ୍ଲାବାଦ ହାଇକୋର୍ଟଙ୍କୁ ଜବାବ ମାଗିଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି ଯେ ଘଟଣା ସହ ସମସ୍ତ ତଥ୍ୟ ହାଇକୋର୍ଟକୁ ମଗାଯାଇଛି । ମାମଲା ବିଚାରାଧୀନ ରହିଛି । ଲୋକସଭା ସାଂସଦ ଅସାଦୁଦ୍ଦିନ ଓୱେସୀ ମଧ୍ୟ ଗୋଟିଏ ନୋଟିସରେ ଦସ୍ତଖତ କରି ଜଷ୍ଟିସ ଶେଖର କୁମାର ଯାଦବଙ୍କ ବରଖାସ୍ତ ଦାବି କରିଛନ୍ତି। ତାଙ୍କ କହିବା କଥା ଯେ ଜଷ୍ଟିସ ଯାଦବ ବ୍ୟବହାର ସାମ୍ବିଧାନିକ ବିଧିବ୍ୟବସ୍ଥାକୁ ଉଲ୍ଲଙ୍ଘନ କରିଛି । ଲୋକସଭାରେ ମଧ୍ୟ ସେ ଜଷ୍ଟିସ ଯାଦବଙ୍କୁ ବରଖାସ୍ତ କରିବା ପାଇଁ ନୋଟିସ ଆଗତ କରିବାକୁ ଚାହୁଁଛନ୍ତି। କିନ୍ତୁ ଏଥିପାଇଁ ୧୦୦ ଜଣ ସାଂସଦଙ୍କ ଦସ୍ତଖତର ଆବଶ୍ୟକ ରହିଥିବା ଓୱେସୀ କହିଛନ୍ତି। ବିଶ୍ୱ ହିନ୍ଦୁ ପରିଷଦର ଲେଗାଲ ସେଲ୍ ପକ୍ଷରୁ



ଆୟୋଜିତ କାର୍ଯ୍ୟକ୍ରମରେ ଜଷ୍ଟିସ ଯାଦବ ଯୋଗ ଦେଇଥିଲେ। ସେଠାରେ ଜଷ୍ଟିସ ଶେଖର କହିଥିଲେ ମୁଁ କହିବାରେ ଆଦୌ ଦ୍ୱିଧା କରିବି ନାହିଁ ଯେ ଏଇଟା ହେଉଛି ହିନ୍ଦୁସ୍ତାନ । ଏହି ଦେଶ ହିନ୍ଦୁସ୍ତାନରେ ରହୁଥିବା ବହୁସଂଖ୍ୟକ ଇଚ୍ଛାରେ କାର୍ଯ୍ୟ କରିବ। ଏହା ଆଇନ। ଜଣେ ହାଇକୋର୍ଟ ବିଚାରପତି ଭାବେ ଏପରି କେମିତି କହୁଛି ବୋଲି ଆପଣ କହିପାରିବେ ନାହିଁ । ଆଇନ ସଂଖ୍ୟାଗରିଷ୍ଠତାଙ୍କ ହିସାବରେ ଚାଲେ । ଏହାକୁ ପରିବାର କିମ୍ବା ସମାଜ ହିସାବରେ ଦେଖନ୍ତୁ। ଏକକ ନାଗରିକ ସଂହିତା ଖୁବଶୀଘ୍ର ବାସ୍ତବ ରୂପ ନେବ। ହିନ୍ଦୁତ୍ୱରୁ ସତୀ ଦାହ ଭଳି ପ୍ରଥାକୁ ଉଚ୍ଛେଦ କରାଯାଇ ସାରିଛି। କିନ୍ତୁ ମୁସଲିମ ସଂପ୍ରଦାୟରେ ଏବେ ବହୁ ପତ୍ନୀ ପ୍ରଥା ଜାରି ରହିଛି। ଆପଣ କେବେ ହେଲେ ୪ ପତ୍ନୀର ଅଧିକାର ସପକ୍ଷରେ ଦାବି କରିବେ ନାହିଁ । ହଲାଲା କିମ୍ବା ଟ୍ରିପଲ ତଲାକକୁ ଯଥାର୍ଥ ବୋଲି କହିପାରିବେ ନାହିଁ। ଭିଏଚପି, ଆରଏସଏସ କିମ୍ବା ହିନ୍ଦୁବାଦୀ ଏକକ ନାଗରିକ ସଂହିତା ପାଇଁ କେବଳ ଦାବି କରୁ ନାହାନ୍ତି । ଦେଶର ସର୍ବୋଚ୍ଚ ଅଦାଲତ ମଧ୍ୟ ଏପ୍ରସଙ୍ଗରେ କହିଛନ୍ତି। ମୁଁ ଶପଥ ନେଉଛି ଯେ ଦେଶରେ ନିଶ୍ଚିତ ଭାବେ ଗୋଟିଏ ଆଇପ ପ୍ରଣୟନ ହେବା ଦରକାର । ଏହା ଖୁବଶୀଘ୍ର ଆସିବ। ତାଙ୍କର ଏପରି ବୟାନକୁ ବିରୋଧ କରି ସୋମବାର ସିପିଆଇଏମ ନେତ୍ରୀ ବ୍ରିନ୍ଦା କରାତ ପ୍ରଧାନ ବିଚାରପତିଙ୍କୁ ଚିଠି ଲେଖି ଚିନ୍ତା ପ୍ରକଟ କରିଥିଲେ । ବ୍ରିନ୍ଦା ତାଙ୍କ ଚିଠିରେ ଜଷ୍ଟିସ ଶେଖର ଯାଦବଙ୍କ ବିରୋଧରେ ଇନ ହାଉସ ତଦନ୍ତ ପାଇଁ ଦାବି କରିଛନ୍ତି । ଏଥିସହ ତଦନ୍ତ ନ ସରିବା ଯାଏ, ତା'କୁ ନ୍ୟାୟିକ ବ୍ୟବସ୍ଥାରୁ ଦୂରେଇ ରଖିବାକୁ ସେ ଚିଠିରେ କହିଛନ୍ତି ।

# କେଜ୍ରିୱାଲଙ୍କ ପୂର୍ବତନ ବଙ୍ଗଳାକୁ ନେଇ ବିଜେପି-ଆପ୍ ମୁହାଁମୁହିଁ

**ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି):** ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ କେଜ୍ରିୱାଲଙ୍କ ପୂର୍ବତନ ବଙ୍ଗଳାକୁ ନେଇ ଏବେ ଆରମ୍ଭ ହୋଇଛି ରାଜନୀତି। ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଥିବାବେଳେ କେଜ୍ରିୱାଲ ଯେଉଁ ବଙ୍ଗଳାରେ ରହୁଥିଲେ ସେହି ଆଲିଶାନ ବଙ୍ଗଳାର ଏକ ଭିଡିଓ ଶେୟାର କରି କେଜ୍ରିୱାଲଙ୍କୁ ଟାର୍ଗେଟ କରିଛନ୍ତି ଦିଲ୍ଲୀ ବିଜେପି ମୁଖ୍ୟ ବୀରେନ୍ଦ୍ର ସଚଦେବା । ସେପଟେ ବିଜେପିକୁ ତୁରନ୍ତ କାଉଣ୍ଟର ମଧ୍ୟ କରିଛି ଆପ୍ । ଦିଲ୍ଲୀ ବିଜେପି ଅଧ୍ୟକ୍ଷ ନିଜ ଆଧିକାରୀକ ଏକ୍ସ ହ୍ୟାଣ୍ଡେଲରେ ଏହି ବଙ୍ଗଳାର ଏକ ଭିଡିଓ ଶେୟାର କରିଛନ୍ତି । ସେ ଏହି ଭିଡିଓରେ ଲେଖିଛନ୍ତି ଯେ, ନିଜକୁ ଆମ୍ ଆଦମୀ (ସାଧାରଣ ମଣିଷ) କହୁଥିବା ଅରବିନ୍ଦ କେଜ୍ରିୱାଲଙ୍କ ଆଲିଶାନ ବଙ୍ଗଳା ବିଷୟରେ ଆମେ ଆପଣଙ୍କୁ ଅନେକ ଥର କହିଛୁ, ଆଜି ଆପଣଙ୍କୁ ଦେଖାଉଛୁ । ଲୋକଙ୍କ ଟଙ୍କା ଖାଇ ନିଜ ପାଇଁ ୭ ଷ୍ଟାର ରିସୋର୍ଟ ନିର୍ମାଣ କରାଯାଇଛି। ଭିଡିଓରେ ଦେଖାଯାଉଥିବା ଜିମ୍, ଅତ୍ୟାଧୁନିକ ବାଥରୁମ ଓ ସ୍ୱିମିଂ ପୁଲ୍ ସହ ଏହି ବଙ୍ଗଳାର ମୂଲ୍ୟ ୩.୭୫ କୋଟି ଟଙ୍କା ବୋଲି ସେ ନିଜ ପୋଷ୍ଟରେ ଦର୍ଶାଇଛନ୍ତି । ଯିଏ ମିଛରେ ନିଜ ପିଲାମାନଙ୍କ ରାଣ ଖାଇ ସରକାରୀ ଘର, ଗାଡ଼ି, ସୁରକ୍ଷା ଆଦି କିଛି ନେଉ ନଥିବା ଦାବି କରୁଛନ୍ତି, ଏବଂ ସାଧାରଣ ନାଗରିକ ପରି ଜୀବନଯାପନ କରୁଥିବା ଦାବି କରୁଛନ୍ତି, ସେମାନେ କିପରି ଦିଲ୍ଲୀର ଟିକସ ଦେଉଥିବା ଜନତାଙ୍କୁ ଲୁଟୁଛନ୍ତି ବୋଲି ଏହି ପୋଷ୍ଟରେ ଲେଖିଛନ୍ତି ବିଜେପି ମୁଖ୍ୟ ବୀରେନ୍ଦ୍ର ସଚଦେବା। ସେପଟେ ବିଜେପିର ଏପରି ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛି ଆମ୍ ଆଦମୀ ପାର୍ଟି। ଦଳର ବରିଷ୍ଠ ନେତା ତଥା ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଦିଆ କହିଛନ୍ତି ଯେ ହରିୟାଣା ଓ ଉତ୍ତରପ୍ରଦେଶ ଭଳି ରାଜ୍ୟରେ ପିଲାଙ୍କ ସ୍କୁଲ, ମଧ୍ୟାହ୍ନ ଭୋଜନ ଓ ହସ୍ପିଟାଲ ଅର୍ଥ ହେରଫେର ହୋଇଛି। ଏହାର ଉତ୍ତର ଦେବା ବଦଳରେ ସେମାନେ କେଜ୍ରିୱାଲଙ୍କ ପୂର୍ବତନ ବଙ୍ଗଳାର ଭିଡିଓ ଶେୟାର କରୁଛନ୍ତି । ଲୋକମାନେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଷୟରେ ପ୍ରଶ୍ନ କରୁଛନ୍ତି, ଆଉ ଏମାନେ ଗୋଟିଏ ବଙ୍ଗଳାର କଥା କହୁଛନ୍ତି । ପ୍ରକାଶ ଥାଉ ଦିଲ୍ଲୀରେ ମୁଖ୍ୟ ବିରୋଧୀ ଦଳ ଆସନରେ ବସିଥିବା ବିଜେପି ପୂର୍ବରୁ ଅନେକ ଥର କେଜ୍ରିୱାଲଙ୍କ ଆବାସ ନବୀକରଣରେ ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ କରିଆସୁଛି। ଚଳିତ ବର୍ଷ ଆରମ୍ଭରେ ଆମ୍ ଆଦମୀ ପାର୍ଟି ଏହି ଆବାସ ନବୀକରଣରେ କରଦାତାଙ୍କ ୪୫ କୋଟି ଟଙ୍କା ଖର୍ଚ୍ଚ କରିଥିବା ଅଭିଯୋଗ କରିଥିଲା ବିଜେପି। ଅନ୍ୟପଟେ ଏହି ବଙ୍ଗଳା ନିର୍ମାଣ ସମୟରେ ଟେଣ୍ଡର ଆଇନ ଉଲ୍ଲଂଘନ ହୋଇଥିବା ନେଇ ଗତ ସେପ୍ଟେମ୍ବରରେ ସିବିଆଇ ଏକ ତଦନ୍ତ ଆରମ୍ଭ କରିଥିଲା। ହେଲେ ଏନେଇ ଏପର୍ଯ୍ୟନ୍ତ କୌଣସି ବିଧିବଦ୍ଧ ମାମଲା ରୁଜୁ ହୋଇନାହିଁ ।

# ଚିକିତ୍ସା ପାଇଁ ଆଶାରାମଙ୍କୁ ମିଳିଲା ୧୭ ଦିନିଆ ପାରୋଲ୍

**ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି):** ଶେଷ ନିଶ୍ୱାସ ପର୍ଯ୍ୟନ୍ତ କଠୋର କାରାଦଣ୍ଡ ଭୋଗୁଥିବା ଆତ୍ମଘୋଷିତ ବାବା ଆଶାରାମଙ୍କୁ ପୁଣି ଥରେ ଚିକିତ୍ସା ପାଇଁ ରାଜସ୍ଥାନ ହାଇକୋର୍ଟ ୧୭ ଦିନ ପାରୋଲ ଦେଇଛନ୍ତି । ମହାରାଷ୍ଟ୍ରର ପୁଣେର ଏକ ଡାକ୍ତରଖାନାରେ ଚିକିତ୍ସା ପାଇଁ ଆଶାରାମଙ୍କ ଓକିଲ ରାଜସ୍ଥାନ ହାଇକୋର୍ଟରେ ଏକ ଆବେଦନ କରିଥିଲେ। ଏଥିରେ ଅଶାରାମଙ୍କ ଚିକିତ୍ସା ପାଇଁ ପାରୋଲ ଦାବି କରାଯାଇଥିଲା। ଏହି ଆବେଦନ ଶୁଣିବା ପରେ ଆଶାରାମଙ୍କୁ ୧୭ ଦିନ ଚିକିତ୍ସା ପାଇଁ ପାରୋଲ ଦିଆଯାଇଛି। ଯେଉଁଥିରେ ଚିକିତ୍ସା ପାଇଁ ୧୫ ଦିନ ଏବଂ ଯାତ୍ରା ପାଇଁ ଦୁଇ ଦିନ ଦିଆଯାଇଛି । କୋର୍ଟଙ୍କ ତରଫରୁ ପୂର୍ବରୁ ଦିଆଯାଇଥିବା ପାରୋଲର ସର୍ତ୍ତ କାର୍ଯ୍ୟକାରୀ କରିବାକୁ ପୋଲିସ ପ୍ରଶାସନକୁ କୁହାଯାଇଛି । ଏୟାର ଆମ୍ବୁଲାନ୍ସ ଯୋଗେ ଆଶାରାମଙ୍କୁ ମହାରାଷ୍ଟ୍ରର ମାଧବବାଗ ଡାକ୍ତରଖାନାକୁ ନିଆଯିବ। ଆସାରାମଙ୍କ ଓକିଲ କାଲୁରାମ ଭାଟି କହିଛନ୍ତି ଯେ, ଆଶାରାମଙ୍କ ଚିକିତ୍ସା ପାଇଁ ଆମେ କୋର୍ଟରେ ଏକ ପିଟିସନ ଦାଖଲ କରିଛୁ। ସେ କହିଛନ୍ତି ଯେ ମହାରାଷ୍ଟ୍ରର ମାଧବ ବାଗ ଆୟୁର୍ବେଦ ହସପିଟାଲରେ ତାଙ୍କର ୭ ଦିନିଆ ପାରୋଲରେ ଚିକିତ୍ସା ହେତୁ ଆସାରାମଙ୍କ ସ୍ୱାସ୍ଥ୍ୟରେ ଯଥେଷ୍ଟ ଉନ୍ନତି ହୋଇଛି ବୋଲି ସେ କୋର୍ଟଙ୍କୁ କହିଛନ୍ତି । ତେଣୁ ତାଙ୍କୁ ପାରୋଲ ଦିଆଯିବା ଉଚିତ, ଯାହା ଦ୍ୱାରା ସେ ତାଙ୍କର ଚିକିତ୍ସା କରିପାରିବେ । ପାରୋଲ ଆବେଦନ ଶୁଣିବା ପରେ ୧୭ ଦିନ ପାରୋଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଚିକିତ୍ସା ପାଇଁ କୋର୍ଟ ୧୫ ଦିନ ଏବଂ ଯାତ୍ରା ପାଇଁ ୨ ଦିନ ସମୟ ଦେଇଛନ୍ତି । ତେବେ ପୂର୍ବରୁ ଦିଆଯାଇଥିବା ପାରୋଲର ସର୍ତ୍ତ କାର୍ଯ୍ୟକାରୀ କରିବାକୁ କୋର୍ଟ ଆଶାରାମଙ୍କୁ କହିଛନ୍ତି ।

# ୟୁନୁସଙ୍କୁ ଯୁଦ୍ଧର ଆହ୍ୱାନ ଦେଲେ ହସିନା

**ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି):** ଖୁବଶୀଘ୍ର ବାଂଲାଦେଶରେ ହେବାକୁ ଯାଉଛି କିଛି ବଡ ପରିବର୍ତ୍ତନ । ନିଜ ଗାଦିକୁ ଫେରାଇ ଆଣିବା ପାଇଁ ଅଣ୍ଟା ଭିଡିଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା । ୟୁନୁସଙ୍କ ବିରୋଧରେ ମଇଦାନକୁ ଓହ୍ଲାଇଛନ୍ତି ହସିନା । ଯୁଦ୍ଧ ପାଇଁ ମଧ୍ୟବର୍ତ୍ତୀକାଳୀନ ସରକାରର ନେତୃତ୍ୱ ନେଉଥିବା ମହମ୍ମଦ ୟୁନୁସଙ୍କୁ ଖୋଲାଖୋଲି ଆହ୍ୱାନ ଦେଇଛନ୍ତି ହସିନା । ସେ ମଧ୍ୟବର୍ତ୍ତୀକାଳୀନ ସରକାରକୁ ଟାର୍ଗେଟ କରି କହିଛନ୍ତି ଯେ ମଧ୍ୟବର୍ତ୍ତୀକାଳୀନ ସରକାରର ମୁଖ୍ୟ ୟୁନୁସ ଜଣେ ହତ୍ୟାକାରୀ ଅଟନ୍ତି । ଆୱାମୀ ଲିଗ୍ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବାବେଳେ ସେ ଏହି କଥା କହିଛନ୍ତି । ବାଂଲାଦେଶକୁ ବଞ୍ଚାଇବାକୁ ହେଲେ ସମସ୍ତଙ୍କୁ ଏକଜୁଟ ହେବା ପାଇଁ ସେ ଆହ୍ୱାନ ଦେଇଛନ୍ତି । ଶେଖ ହସିନା ବର୍ତ୍ତମାନ ଦିଲ୍ଲୀରେ ଅଛନ୍ତି । ଅଗଷ୍ଟରେ ଦେଶ ଛାଡିବା ପରଠାରୁ ଦିଲ୍ଲୀରେ ରହୁଛନ୍ତି । ଏହି ସମୟରେ, ବାଂଲାଦେଶର ପ୍ରଫେସର ୟୁନୁସଙ୍କ ମଧ୍ୟବର୍ତ୍ତୀକାଳୀନ ସରକାରରେ ହିନ୍ଦୁ ସଂଖ୍ୟାଲଘୁଙ୍କ ପ୍ରତି ହିଂସା କ୍ରମାଗତ ଭାବେ ବୃଦ୍ଧି ପାଉଛି । ଗୋଟିଏ ଦିନ ପୂର୍ବରୁ ଢାକାରେ ଏକ ମନ୍ଦିରରେ ନିଆଁ ଲଗାଯାଇ ପ୍ରଭୁ କୃଷ୍ଣଙ୍କ ମୂର୍ତ୍ତିକୁ ଜାଳିଦିଆଯାଇଛି । ଶେଖ ହସିନା ଆୱାମୀ ଲିଗକୁ ସମ୍ବୋଧିତ କରି କହିଛନ୍ତି, 'ଏହି ଅନ୍ଧକାର ଦୂର ହେବ, ଏହି ଫାସୀବାଦୀ, ହତ୍ୟାକାରୀ, ଷଡଯନ୍ତ୍ରକାରୀ ୟୁନୁସ ସରକାରଙ୍କୁ ବାଂଲାଦେଶବାସୀ ଉଚିତ ଶିକ୍ଷା ଦେବେ । ସେମାନେ ଆମ ଦେଶକୁ ନଷ୍ଟ କରୁଛନ୍ତି, ସେମାନେ ସେଠାରେ ଆତଙ୍କ ସୃଷ୍ଟି କରିଛନ୍ତି । ଦୟାକରି ସମସ୍ତେ ଏକତ୍ରିତ ହୋଇ ଏହି ଫାସିବାଦୀ ସରକାରକୁ



ହଟାନ୍ତୁ ଯାହା ଦ୍ୱାରା ବାଂଲାଦେଶ ଏକ ଭଲ ଭବିଷ୍ୟତ ପାଇପାରିବ । ବର୍ତ୍ତମାନ ତୁମେ କାହାଠାରୁ ନ୍ୟାୟ ମାଗିବ ? ଯେକେହି ଆପଣଙ୍କ ଘରେ ପ୍ରବେଶ କରି ସବୁକିଛି ଚୋରି କରିପାରିବେ କିନ୍ତୁ ଆପଣ ଏହାର ବିରୋଧ ମଧ୍ୟ କରିପାରିବେ ନାହିଁ । ହସିନା ଆହୁରି ମଧ୍ୟ କହିଛନ୍ତି, 'ସେମାନେ ମିଥ୍ୟା ମାମଲା ପଞ୍ଜିକରଣ କରୁଛନ୍ତି ଏବଂ ଲୋକଙ୍କୁ ହତ୍ୟା କରିଥିବା ଲୋକଙ୍କୁ ମୁକ୍ତ କରୁଛନ୍ତି । ସେମାନେ କାହିଁକି ସାଂସଦଙ୍କ କୋଠରୀ ଏବଂ ସଂସଦକୁ ଲୁଟ କରୁଛନ୍ତି ? ସେମାନେ ଦେଶକୁ ଲୁଟ କରୁଛନ୍ତି ଏବଂ ଅର୍ଥନୈତିକ ବ୍ୟବସ୍ଥାକୁ ନଷ୍ଟ କରୁଛନ୍ତି । ସେମାନେ ଏମିତି କାହିଁକି କରୁଛନ୍ତି ଏହାର ଉତ୍ତର ହତ୍ୟାକାରୀ ୟୁନୁସଙ୍କୁ ଦେବାକୁ ପଡିବ । ବାଂଲାଦେଶରେ ହିନ୍ଦୁମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରର ଏବଂ ସେମାନଙ୍କର ଗଣହତ୍ୟାର ମାଷ୍ଟରମାଇଣ୍ଡ ହେଉଛନ୍ତି ଅନ୍ତରୀଣ ସରକାରର ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ । ଆପଣଙ୍କର ମନେଥିବ ଯେ ଚଳିତ ମାସରେ ସେମାନେ ଆମର ବୁଦ୍ଧିଜୀବୀଙ୍କୁ ହତ୍ୟା କରିଥିଲେ । ହତ୍ୟାକାରୀ ୟୁନୁସ ଏହି ଷଡଯନ୍ତ୍ର ରଚିଛନ୍ତି, ସେ ନିଜେ ଏହି ଆନ୍ଦୋଳନର ବାହ୍ୟରେଖା ପ୍ରସ୍ତୁତ କରିଛନ୍ତି । ସେ ଏହାର ମାଷ୍ଟରମାଇଣ୍ଡ । ସେମାନେ ବଙ୍ଗଳା ଭବନକୁ ଧ୍ୱଂସ କରିଛନ୍ତି । ସେ ନିଜେ ସ୍ୱୀକାର କରିଛନ୍ତି ଯେ ପୋଲିସ ମେଟ୍ରୋ ରେଳରେ ନିଆଁ ଲଗାଇଥିଲେ , ଏହା ସେମାନଙ୍କ ଯୋଜନା ଥିଲା । ସେ ଆତଙ୍କବାଦୀଙ୍କୁ ଜେଲରୁ ମୁକ୍ତ କରିଛନ୍ତି । ସେମାନେ ସଂସଦ ଉପରେ ଆକ୍ରମଣ କରିଛନ୍ତି, ସେମାନେ ସବୁକିଛି ନଷ୍ଟ କରିଛନ୍ତି । ସେମାନେ ୩୦୦ସାମ୍ବାଦିକଙ୍କ ସ୍ୱୀକୃତି ବାତିଲ କରିଛନ୍ତି। ୧୦୦ରୁ ଅଧିକ ସାମ୍ବାଦିକ ଜେଲରେ ଅଛନ୍ତି । ସମସ୍ତଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ କରିଛନ୍ତି । ମୋ ବିରୋଧରେ ୨୫୦ମାମଲା ରହିଛି । ସେମାନେ ଲୋକଙ୍କୁ ଗିରଫ କରିଥିଲେ କିନ୍ତୁ ସେମାନଙ୍କୁ ଓକିଲ ଦେଇନଥିଲେ । ସେମାନେ ଚିନ୍ମୟ କୃଷ୍ଣ ପ୍ରଭୁ ପୂଜାରୀଙ୍କୁ ମଧ୍ୟ ଗିରଫ କରିଥିଲେ ଏବଂ ତାଙ୍କ ଓକିଲଙ୍କୁ ଏହି ମାମଲାରେ ଲଢିବାକୁ ଅନୁମତି ଦେଇନଥିଲେ । ବାଂଲାଦେଶରେ ମାନବିକ ଅଧିକାରର ଉଲ୍ଲଂଘନ କରାଯାଉଛି ।

# ସାମସଙ୍ଗ ଏସ୨୪ ଅଲଟ୍ରା ଏବଂ ଗାଲାକ୍ସି ଏସ୨ ସ୍ମାର୍ଟଫୋନ ଗୁଡ଼ିକର ଶୁଭାରମ୍ଭ

**ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି):** ସାମସଙ୍ଗ, ଭାରତର ଏକ ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଏହାର ଉଦ୍ୟୋଗୀ ସଂସ୍କରଣ ଫ୍ଲାଗସିପ୍ ମୋବାଇଲ ଉପକରଣ ସମାହାର ଗାଲାକ୍ସି ଏସ୨୪ ଏବଂ ଗାଲାକ୍ସି ଏସ୨୪ ଅଲଟ୍ରା ଶୁଭାରମ୍ଭର ଘୋଷଣା କରିଛି। ଗ୍ରାହକମାନେ ଆଦର କରୁଥିବା ଏହି ପ୍ୟାକେଟ ଗାଲାକ୍ସି ଏଆଇ ବିଶେଷତ୍ୱ ଯୁକ୍ତ ଅଟେ ଯାହା ମଧ୍ୟରେ ରହିଛି ସିଧା ଅନୁବାଦ, ଅନୁବାଦକ, ଟିପ୍ପଣୀ ସହାୟତା ଏବଂ ଗୋଲାକୃତିରେ ଗୁଗୁଲକୁ ଖୋଜିବା। ଏହି ବ୍ୟବସାୟୀକ ପାଇଁ ଡ଼ିଜାଇନ ଉପକରଣ ଗୁଡ଼ିକ ପ୍ରତିରକ୍ଷାସ୍ତର ସୁରକ୍ଷାକୁ ପ୍ରାଧାନ୍ୟ ଦେବା ସହିତ, ଏଥିରେ ରହିଛି ବର୍ଦ୍ଧିତ ସାମଗ୍ରୀ ଜୀବନଚକ୍ର ତଥା ବୃଦ୍ଧି ପ୍ରାପ୍ତ ଲମ୍ବା ଅବଧିର ସହାୟତା। ଫ୍ଲାଗସିପ ଉଦ୍ୟୋଗ ସଂସ୍କରଣର ଡ଼େବ୍ୟୁ ହୋଇଥିବା ଏହି ସ୍ମାର୍ଟଫୋନ ଅତ୍ୟନ୍ତ ଦୁର୍ଗମ ଉଦ୍ୟୋଗୀ ଭିନ୍ନ ଧରଣର ସାମସଙ୍ଗ ଏକ୍ସକଭର୭ ସ୍ମାର୍ଟଫୋନ ସଫଳ ଉନ୍ମୋଚନର ନିକଟତର ହୋଇ ପାରିଛି। ଆଜି, ବ୍ୟବସାୟ ସମୂହର ବିରାଟ ଦୌଡ଼ ସହିତ ଭୌଗୋଳିକ ସ୍ତରର ବିଭିନ୍ନ ଦଳକୁ ନେଇ ଏହି ଉଦ୍ୟୋଗୀ ସଂସ୍କରଣ ଫ୍ଲାଗସିପ୍ ଉପକରଣ ବହୁଳ ଭାବରେ ପ୍ରତିଷ୍ଠାନ ଗୁଡ଼ିକରେ ମୋବାଇଲ ଜ୍ଞାନକୌଶଳର ବିସ୍ତାର, ଏହାର ଅପଡ଼େଟ ତଥା ନିୟୋଜନ ସହିତ ଏହାକୁ ଚାଳନା କରିବାରେ ସହଜ ହୋଇପାରିଛି। କର୍ପୋରେଟ ଗ୍ରାହକମାନେ ସବୁବେଳେ ବିଶ୍ୱସନୀୟ ଜ୍ଞାନକୌଶଳ ଉପରେ ଭରସା କରିଥାନ୍ତି ଏବଂ ଦଳ ଯେଉଁ ସମୟରେ ଗତି କରୁଥାଏ ସେତେବେଳେ ମଧ୍ୟ ଏହାକୁ ସୁନିଶ୍ଚିତ କରିଥାନ୍ତି। "ଭାରତରେ ଦ୍ରୁତଗତିରେ ବୃଦ୍ଧି ପାଉଥିବା ଡ଼ିଜିଟାଲ ଯୁକ୍ତ ବ୍ୟବସାୟୀକ ପରିବେଶକୁ ନେଇ ସାମସଙ୍ଗର ଏହି ଉଦ୍ୟୋଗୀ ସଂସ୍କରଣ ଗାଲାକ୍ସି ଏସ୨୪ ଅଲଟ୍ରା ଏବଂ ଗାଲାକ୍ସି ଏସ୨୪ ବୃଦ୍ଧି ପାଉଥିବା ବିଶ୍ୱସନୀୟତା, ସୁରକ୍ଷା ତଥା ଏହି ଉପକରଣର ପରିଚାଳନାକୁ ବେଶ୍ ଭଲ ଭାବରେ ସମ୍ମୁଖୀନ ହୋଇପାରିଛି। ସୁରକ୍ଷିତ ତଥ୍ୟ, ଦୂର ଅବଧି ଉପକରଣ ପ୍ରୋତ୍ସାହନ ତଥା ଦ୍ରୁତ ନିୟୋଜନକୁ ନେଇ ଉପକରଣ ଗୁଡ଼ିକ ବ୍ୟବସାୟୀକ ପ୍ରତିଷ୍ଠାନକୁ ସଶକ୍ତ କରିବା ସହିତ ବ୍ୟବସାୟୀକ ପ୍ରତିନିଧିମାନଙ୍କୁ ଏକ ବିରାଟ ଦୃଶ୍ୟପଟ୍ଟ, ନିୟନ୍ତ୍ରଣ ତଥା ସେମାନଙ୍କର ମୋବାଇଲର ବ୍ୟବହାରକୁ ଅଧିକ ମାତ୍ରାରେ ବିଶ୍ୱସନୀୟତା ଯୋଗାଇ ପାରିଛି।

# ନେଟ୍ସରେ ଝାଳ ବୁହାଇଲେ କୋହଲି-ରୋହିତ

ଆଡିଲେଡ୍, ୧୧।୧୨: ପିଙ୍କ୍ ବଲ୍ ଟେଷ୍ଟରେ ଲଜ୍ଜାଜନକ ପରାଜୟ ପରେ ଚଳିତ ବର୍ଡର-ଗାଭାସ୍କର ଟ୍ରଫିରେ ସିରିଜକୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି। ଭାରତ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ନେତୃତ୍ୱରେ ବ୍ୟାଟରମାନେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ନେଟ୍ ସେସନରେ ରେଡ୍‌ବଲ ପ୍ରସ୍ତୁତିରେ ବିଶେଷ ଧ୍ୟାନ ଦେଇଛନ୍ତି ଅନ୍ୟପକ୍ଷରେ ଶନିବାରଠାରୁ ଆରମ୍ଭ ହେବାକୁଥିବା ତୃତୀୟ ଟେଷ୍ଟ ଖେଳିବା ଲାଗି ଅଷ୍ଟ୍ରେଲିଆ ଦଳ ଆଗୁଆ ବ୍ରିସବେନ୍ ଗସ୍ତ କରିଛି।



ରେଡ୍‌ବଲ୍‌କୁ କିପରି ରକ୍ଷଣାତ୍ମକ ଖେଳିବା ଏବଂ କେଉଁ ବଲ୍‌କୁ ଛାଡ଼ିବାକୁ ହେବ। ତାହାର ଟେକ୍‌ନିକ୍ ହାସଲ କରିବା ଲାଗି ଭାରତୀୟ ବ୍ୟାଟରମାନେ ତା ଉପରେ ମନୋନିବେଶ କରିଥିଲେ। ଭାରତୀୟ ଅଧିନାୟକ ରୋହିତ ବର୍ତ୍ତମାନ ଭଲ ଫର୍ମରେ ନାହାନ୍ତି ଗତ ୧୨ଟି ଇନିଂସରେ ସେ ମାତ୍ର ୧୪୨ ରନ ସଂଗ୍ରହ କରିଛନ୍ତି ତନ୍ମଧ୍ୟରେ ତାଙ୍କର ଗୋଟିଏ ଅର୍ଦ୍ଧଶତକ (୫୨) ରହିଛି। ପୁତ୍ର ଜନ୍ମ ପରେ ସେ ଦଳ ସହିତ ଯୋଗଦେଇଥିଲେ। ସେ କିପରି ତାଙ୍କ ଲୟ ଫେରିପାଇବେ। ସେଥିଲାଗି ସେ ନେଟ୍ସରେ ଉଭୟ ଭାରତୀୟ ପେସର ଓ ସ୍ପିନରଙ୍କ ବୋଲିଂର ସାମ୍ନା କରିଥିଲେ। ରୋହିତ ବ୍ୟାଟିଂ ଅର୍ଡରରେ ୬ଷ୍ଠ ସ୍ଥାନକୁ ଖସି ଆସିଛନ୍ତି। ଦ୍ୱିତୀୟ ଟେଷ୍ଟରେ ସେ ୩ ଓ ୬ ରନ କରିଛନ୍ତି ପ୍ରଥମ ଇନିଂସରେ ସେ ଏଲ୍‌ବିଡବ୍ଲ୍ୟୁ ହୋଇଥିବା ବେଳେ ଦ୍ୱିତୀୟ ଇନିଂସରେ ସେ ପ୍ରତିପକ୍ଷ ଦଳର ଅଧିନାୟକ ପ୍ୟାଟ୍ସ କମିନ୍ସଙ୍କ ବଲ୍‌ରେ ବୋଲ୍ଡ ହୋଇଯାଇଥିଲେ।

ଅନ୍ୟପକ୍ଷରେ କେ.ଏଲ୍ ରାହୁଲ ତାଙ୍କ ଡିଫେନ୍ସ ଉପରେ ଅଧିକ ଧ୍ୟାନ ଦେଇଥିବାବେଳେ ରିଷଭ ପନ୍ତ କିଛି ପିକ୍ ଅପ୍ ଶଟ୍ ଖେଳିଥିଲେ ଓପନିଂ ଟେଷ୍ଟରେ ଭାରତର ୨୯୫ରନର ବିପୁଳ ବିଜୟରେ ୧୬୧ ରନ କରିଥିବା ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ କିନ୍ତୁ ଆକ୍ରମଣାତ୍ମକ ଶଟ୍ ଖେଳିଥିଲେ। ବୋଲିଂ ଅଭ୍ୟାସ କରିଥିବା ବେଳେ ମାନେ ହେଲେ ହର୍ଷିତ ରାଣା, ଅକାଶ ଦୀପ, ଯଶ ଦୟାଲ ଏବଂ ସ୍ପିନର ତ୍ରୟ ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ ଓ ୱାଶିଂଟନ ସୁନ୍ଦର ଏମାନଙ୍କ ବ୍ୟତୀତ କେତେଜଣ ଥ୍ରୋ ଡାଉନ୍ ସ୍ପେସାଲିଟେ ମଧ୍ୟ ବୋଲିଂ କରିଥିଲେ। ଭାରତର ଦୁଇ ପ୍ରମୁଖ ବୋଲର ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସିରାଜ ଏବଂ ସିମ୍ ବୋଲିଂ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କ ବୋଲିଂ ଖରାପ ଲକ୍ଷ୍ୟ କରାଯାଇଥିଲା। ଭାରତୀୟ ଦଳ ବୁଧବାର ବ୍ରିସ୍‌ବେନରେ ପହଞ୍ଚିବ ବୋଲି ଯୋଜନା ରହିଛି।

# ମନ୍ଧାନାଙ୍କ ଶତକ ସତ୍ତ୍ୱେ ହାରିଲା ଭାରତ







ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି): ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଶୃଙ୍ଖଳାରେ ଶୋଚନୀୟ ପରାଜୟବରଣ କରିଛି ଭାରତ। ଦଳ ୩-୦ରେ ପରାସ୍ତ ହୋଇଛି। ଭାରତୀୟ ଓପନର ସ୍ମୃତି ମନ୍ଧାନା ଶତକ ହାସଲ କରିଥିଲେ ମଧ୍ୟ ପରାଜୟ ପିଛା ଛାଡ଼ିନଥିଲା। ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ଭାରତକୁ ୨୯୯ ରନର ଟାର୍ଗେଟ ଦେଇଥିଲା। ଜବାବରେ ଭାରତ ୨୧୫ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା।

ତେବେ ଭାରତୀୟ ଦଳର ବ୍ୟାଟିଂ ଆରମ୍ଭ ଭଲ ନଥିଲା ଏବଂ ଦଳର ପ୍ରଥମ ୱିକେଟ୍ ମାତ୍ର ୧୬ ରନ୍‌ରେ ପଡ଼ିଯାଇଥିଲା। ଓପନର ରିଚା ଘୋଷ ମାତ୍ର ୨ ରନ୍ କରି ଆଉଟ୍ ହୋଇଥିଲେ। ତେବେ ଏହା ପରେ ହର୍ଲିନ ଦେଓଲ ଓ ସ୍ମୃତି ମନ୍ଧାନା ଇନିଂସ ହାତକୁ ନେଇଥିଲେ। ତେବେ ହର୍ଲିନ ୩୯ ରନ୍ କରି ଆଉଟ୍ ହୋଇଥିଲେ। ପରେ ହରମନପ୍ରୀତ କୌର ୧୨, ରୋଡ୍ରିଗ୍ସେଜ୍ ୧୬, ଦୀପ୍ତି ଶର୍ମା ୦, ମିନ୍ନୁମଣି ୮ ବିଫଳ ହେବାରୁ ଦଳ ବଡ ଟାର୍ଗେଟ୍‌କୁ ପିଛା କରିବାରେ ବିଫଳ ହୋଇଥିଲେ। ମନ୍ଧାନା କ୍ୟାରିଅରର ୧୦ତମ ଶତକ ହାସଲ କରିବା ପରେ ବ୍ୟକ୍ତିଗତ ୧୦୫ ରନ୍ କରି ଆଉଟ୍ ହେବା ପରେ ଦଳ ୨୧୫ ରନ୍‌ରେ ସୀମିତ ହୋଇଯାଇଥିଲା। ଦଳ ପକ୍ଷରୁ ଗାର୍ଡନର ସର୍ବାଧିକ ୫ ୱିକେଟ ନେଇଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ଅଷ୍ଟ୍ରେଲିଆ ସଦରଲାଣ୍ଡଙ୍କ ୧୧୦ ରନ୍, ମ୍ୟାକଗ୍ରାଥ୍‌ଙ୍କ ଅପରାଜିତ ୫୬ ରନ୍, ଗାର୍ଡନରଙ୍କ ୫୦ ରନ୍ ରନ ବଳରେ ୬ ୱିକେଟ ହରାଇ ୨୯୮ ରନ୍ କରିଥିଲା। ଭାରତ ପକ୍ଷରୁ ଅରନ୍ଧତୀ ରେଡ୍ଡୀ ୪ ୱିକେଟ ନେଇଥିଲେ।

# ଗୁଗଲ୍‌ରେ ଭିନେଶ୍‌ଙ୍କୁ ସର୍ବାଧିକ ସର୍ଚ୍ଚ କରିଛନ୍ତି ଲୋକେ

ନୂଆଦିଲ୍ଲୀ, ୧୧।୧୨: ୨୦୨୪ରେ ଗୁଗଲରେ ସର୍ବାଧିକ ସର୍ଚ୍ଚ କରାଯାଇଥିବା ଭାରତୀୟ ତାଲିକାରେ କ୍ରୀଡା ତାରକାମାନେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି କୌଣସି ରାଜନେତା କିମ୍ବା କୌଣସି ଚଳଚ୍ଚିତ୍ର ତାରକା କିମ୍ବା ବ୍ୟବସାୟୀ ଏହି ତାଲିକାରେ ଶୀର୍ଷରେ ରହି ନାହାଁନ୍ତି। ଶ୍ରେଷ୍ଠ ୧୦ ଜଣଙ୍କୁ ପାଞ୍ଚ ଜଣ ଖେଳାଳି ଅନ୍ତର୍ଭୁକ୍ତ ଅଛନ୍ତି, କିନ୍ତୁ ଆଶ୍ଚର୍ଯ୍ୟଜନକ କଥା ହେଲା ବିରାଟ କୋହଲି ଏବଂ ରୋହିତ ଶର୍ମା କିମ୍ବା ଏମଏସ ଧୋନୀଙ୍କ ପରି ବଡ କ୍ରିକେଟ ତାରକା ଏହି ତାଲିକାରୁ ବାଦ ପଡିଛନ୍ତି।



ବହୁ ଖୋଜା ଯାଇଥିବା ଭାରତୀୟ ତାଲିକାରେ ମହିଳା ରେସଲର ଭିନେଶ ଫୋଗେଟ ଶୀର୍ଷରେ ଅଛନ୍ତି ପ୍ୟାରିସ ଅଲିମ୍ପିକ୍ସ ୨୦୨୪ରେ ଭିନେଶ ଚମତ୍କାର ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିଲେ ତେବେ ଫାଇନାଲ ମ୍ୟାଚ ପୂର୍ବରୁ ଓଜନ ସମସ୍ୟା ହେତୁ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା, ଯାହା ତାଙ୍କ ତଥା ତାଙ୍କ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଝଟକା ଥିଲା ଏହା ପରେ ଭିନେଶ ରାଜନୀତିରେ ପ୍ରବେଶ କରି ହରିୟାଣାର ଜୁଲାନା ବିଧାନସଭା ଆସନ ଜିତି ଜଣେ ବିଧାୟକ ହୋଇଥିଲେ। ଏହା ସତ୍ତ୍ୱେ ତାଙ୍କର ସଫଳତା ତାଙ୍କୁ ଗୁଗଲରେ ସର୍ବାଧିକ ସର୍ଚ୍ଚ କରାଯାଇଥିବା ବ୍ୟକ୍ତିଙ୍କ ତାଲିକାର ଶୀର୍ଷକୁ ନେଇଛି।

କ୍ରୀଡ଼ା ବ୍ୟକ୍ତିଙ୍କ ଦୃଷ୍ଟିରୁ ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି ଚଳିତ ବର୍ଷ ଆଇପିଏଲରେ ହାର୍ଦ୍ଦିକ ମୁମ୍ବାଇ ଇଣ୍ଡିଆନ୍ସକୁ ଅଧିନାୟକ କରିଥିଲେ ଏବଂ ଟି-୨୦ ବିଶ୍ୱକପ ୨୦୨୪ ଜିତିବାରେ ଭାରତରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହା ବ୍ୟତୀତ ବ୍ୟାଟ୍ସମ୍ୟାନ ଶଶାଙ୍କ ସିଂ ଏବଂ ଅଭିଷେକ ଶର୍ମା ମଧ୍ୟ ଗୁଗଲରେ ବହୁତ ସର୍ଚ୍ଚ କରିଥିଲେ।

ବ୍ୟାଡମିଣ୍ଟନ ଖେଳାଳି ଲକ୍ଷ ସେନ ମଧ୍ୟ ଦଶମ ସ୍ଥାନରେ ଅଛନ୍ତି। ଶ୍ରେଷ୍ଠ ୧୦ରେ ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ନାମ ରାଜନେତା ନୀତୀଶ କୁମାର ଏବଂ ଚିରାଗ ପାସାନ, ଅଭିନେତା ପନ କଲ୍ୟାଣ, ପୁଣମ ପାଣ୍ଡେ ଏବଂ ରାଧିକା ମର୍ଚ୍ଚାଣ୍ଟ ଅନ୍ତର୍ଭୁକ୍ତ।

୨୦୨୪ରେ କ୍ରୀଡା ସହ ଜଡିତ ସବୁଠାରୁ ଟ୍ରେଣ୍ଡିଂ ସର୍ଚ୍ଚଗୁଡ଼ିକ ହେଲା ଇଣ୍ଡିଆନ ପ୍ରିମିୟର ଲିଗ ଏବଂ ଟି-୨୦ ବିଶ୍ୱକପ ଏହି ଦୁଇଟି ଘଟଣା ଭାରତୀୟ ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ଏଥି ସହିତ, ପ୍ୟାରିସ ଅଲିମ୍ପିକ୍ସ ୨୦୨୪ ଗୁଗ୍‌ଲରେ ସର୍ବାଧିକ ସର୍ଚ୍ଚ କରାଯାଇଥିବା ବିଷୟ ମଧ୍ୟରେ ପଞ୍ଚମ ସ୍ଥାନ ପାଇଛି।

# ବିନା ମ୍ୟାଚ୍ ଖେଳି ବିଶ୍ୱରେକର୍ଡ କଲା ଭାରତ : ୨୦୦ ଦିନ ପୂର୍ବରୁ ଟିକେଟ ବିକ୍ରି

ନୂଆଦିଲ୍ଲୀ, ୧୧।୧୨: ଭାରତୀୟ କ୍ରିକେଟ ଦଳ ବର୍ତ୍ତମାନ ବର୍ଡର-ଗାଭାସ୍କର ଟ୍ରଫିରେ ବ୍ୟସ୍ତ ଅଛି। ଉଭୟ ଭାରତ ଏବଂ ଅଷ୍ଟ୍ରେଲିଆ ଗୋଟିଏ ମ୍ୟାଚ୍ ଜିତିଛନ୍ତି। ଏହି ସିରିଜର ଶେଷ ମ୍ୟାଚ ଜାନୁଆରୀ ୩ରୁ ସିଡନୀରେ ଖେଳାଯିବ। ଆସନ୍ତା ବର୍ଷ ଜୁନ୍‌ରେ ଟିମ ଇଣ୍ଡିଆ ଇଂଲଣ୍ଡ ଗସ୍ତ କରିବ ଯେଉଁଠାରେ ଦୁଇ ଦଳ ମଧ୍ୟରେ ପାଞ୍ଚଟି ଟେଷ୍ଟ ମ୍ୟାଚ ଖେଳାଯିବ। ବିଶ୍ୱ ସିରିଜ ଚାମ୍ପିଅନସିପ ଫାଇନାଲ ପରେ ଏହି ସିରିଜ ଆରମ୍ଭ ହେବ। ବର୍ତ୍ତମାନ ଏଭଳି ଖବର ସାମ୍ନାକୁ ଆସିଛି ଯେ ଏହାକୁ ଦେଖି ଯେକେହି ଆଶ୍ଚର୍ଯ୍ୟ ହୋଇଯିବେ। ଇଂଲଣ୍ଡ ବିପକ୍ଷ ସିରିଜର ଦ୍ୱିତୀୟ ମ୍ୟାଚ ବର୍ମିଂହାମରେ ଖେଳାଯିବ, ଯେଉଁଥିପାଇଁ ପ୍ରଥମ ୪ ଦିନର ସମସ୍ତ ଟିକେଟ ବିକ୍ରି ହୋଇସାରିଛି।



ଭାରତ ବନାମ ଇଂଲଣ୍ଡ ବର୍ମିଂହାମ ଟେଷ୍ଟ ମ୍ୟାଚ ୨ ଜୁଲାଇ ୨୦୨୫ରେ ଆରମ୍ଭ ହେବ। ଏହି ମ୍ୟାଚ୍ ପାଇଁ ୨୦୩ ଦିନ ବାକି ଅଛି। ପ୍ରାୟ ୭ ମାସ ପୂର୍ବେ ବିକ୍ରି ହୋଇଥିବା ଟିକେଟ୍ ହେଉଛି ପ୍ରମାଣ ଯେ ଇଂଲଣ୍ଡ ଏବଂ ଭାରତରେ କ୍ରିକେଟ ପାଇଁ କ୍ରେଜ ଭିନ୍ନ ସ୍ତରରେ ଅଛି। ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଏହି ସିରିଜକୁ ପଟୌଦି ଟ୍ରଫି ରଖାଯାଇଛି, ଯାହାର ପ୍ରଥମ ମ୍ୟାଚ ୨୦ ଜୁନରୁ ଲିଡ୍ସରେ ଖେଳାଯିବ। ବର୍ମିଂହାମ୍‌ରେ ହେବାକୁ ଥିବା ମ୍ୟାଚର ପ୍ରଥମ ଚାରି ଦିନ ପାଇଁ ସମସ୍ତ ଟିକେଟ ବିକ୍ରି ହୋଇସାରିଛି। ଏବେ ଯଦି ଅନ୍ୟ କେହି ଦ୍ୱିତୀୟ ଟେଷ୍ଟକୁ ଉପଭୋଗ କରିବାକୁ ଚାହାଁନ୍ତି, ତେବେ ସେ କେବଳ ପଞ୍ଚମ ଦିନ ପାଇଁ ଟିକେଟ କିଣିପାରିବେ।

ଏଜବାଷ୍ଟନ ଷ୍ଟାଡିୟମର ଟୁଇଟର ହ୍ୟାଣ୍ଡେଲ ପକ୍ଷରୁ ଏହି ବିଷୟରେ ସୂଚନା ଦିଆଯାଇଛି ଯେ, ପ୍ରଥମ ଚାରି ଦିନ ପାଇଁ ସମସ୍ତ ଟିକେଟ ବିକ୍ରି ହୋଇସାରିଛି। ଏଠାରେ ଟିକେଟ ମୂଲ୍ୟ ୨୭୦୦ରୁ ଆରମ୍ଭ ହୋଇ ୩୨ ହଜାର ଟଙ୍କା ପର୍ଯ୍ୟନ୍ତ ଯାଏ ଯେତେବେଳେ କି ୧୬ ବର୍ଷରୁ କମ ପିଲାମାନଙ୍କ ପାଇଁ ଟିକେଟ ମୂଲ୍ୟ ୧୦ ପାଉଣ୍ଡରେ ରଖାଯାଇଛି। ଯଥା ପ୍ରାୟ ୧,୦୮୦ ଟଙ୍କା ଆଶେସ ସିରିଜ୍‌କୁ ବାଦ୍ ଦେଇ ପ୍ରଥମ ଥର ପାଇଁ ମ୍ୟାଚର ପ୍ରଥମ ଚାରି ଦିନ ପାଇଁ ଟିକେଟ ଆଗରୁ ବିକ୍ରି ହୋଇଛି। ଆହୁରି ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଟିକେଟ ୭ ମାସ ପୂର୍ବରୁ ବିକ୍ରି ହୋଇସାରିଛି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପଟ୍ଟାମୁଣ୍ଡାଇର ବାର୍ଷିକ କ୍ରୀଡା

ପଟ୍ଟାମୁଣ୍ଡାଇ, ୧୧।୧୨: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପଟ୍ଟାମୁଣ୍ଡାଇର ୨୭ ତମ ବାର୍ଷିକ କ୍ରୀଡା ସ୍ଥାନୀୟ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ପଡିଆରେ ଉଦଘାଟନ ହୋଇ ଆଜି ସମାରୋପ ହୋଇଛି ସ୍କାଉଟ ଆଚାର୍ଯ୍ୟ ପ୍ରବୋଧ ଗୁରୁଜୀଙ୍କ ତତ୍ତ୍ୱାବଧାନରେ ସ୍କାଉଟ ଭାଇମାନେ ପତିତପାବନ ମନ୍ଦିରରୁ କ୍ରୀଡା ଜ୍ୟୋତି ଆଣି ପଡିଆରେ ସ୍ଥାପନ କରିଥିଲେ।







ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ଅଧ୍ୟକ୍ଷ ମାନନୀୟ ଡ଼କ୍ଟର ଦିଲ୍ଲୀପ କୁମାର ଭୂୟାଁ କ୍ରୀଡା ପତାକା ଉତ୍ତୋଳନ ପୂର୍ବକ ୨୭ ତମ ବାର୍ଷିକ କ୍ରୀଡା ଉଦଘାଟନ କରି ପିଲାମାନଙ୍କର ଖେଳ ପ୍ରତି ଆଗ୍ରହ ସୃଷ୍ଟି କରିବା ତଥା ବିଦ୍ୟାର୍ଥୀ ମାନଙ୍କୁ ଜୀବନରେ ଶୃଙ୍ଖଳିତ, ଏକାଗ୍ରତା ହୋଇ ପାଠ ପଢିଲେ ସବୁ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିବେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରଭାତ କିଶୋର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ କରିଥିଲେ। ଶିଶୁ ବାଟିକାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨ ଟି ବିଭାଗରେ ମୋଟ ୮୩୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଆଜି କ୍ରୀଡା ଉଦଯାପନ ସମାରୋହରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରମୋଦ କୁମାର ନାୟକ, ସମ୍ପାଦକ ଶ୍ରୀଧର ରାଉତ ଓ ଉପସଭାପତି ସୁଜାତା ମିଶ୍ର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଖେଳକୁଦ ପ୍ରମୁଖ ଗୁରୁଜୀ ବାନାମ୍ବର ଘଡେଇଙ୍କୁ ସମସ୍ତ ଗୁରୁଜୀ, ଗୁରୁମା ଏହି କ୍ରୀଡା ପରିଚାଳନାରେ ସହଯୋଗ କରିଥିଲ।

# ପାକିସ୍ତାନକୁ ଚାମ୍ପିଅନ୍ସ ଟ୍ରଫି ଜିତିବାକୁ ପଡ଼ିବ : ଶୋଏବ

ଇସଲାମାବାଦ, ୧୧।୧୨: ବିଶ୍ୱର ଦ୍ରୁତତମ ବୋଲର ଭାବରେ ଖ୍ୟାତି ଅର୍ଜନ କରିଥିବା ଶୋଏବ ଅଖତର ଚାମ୍ପିଅନ୍ସ ଟ୍ରଫି-୨୦୨୫ରେ କେଉଁ ଦଳ ବିଜୟୀ ହେବ ସେ ନେଇ ଭବିଷ୍ୟବାଣୀ କରିଛନ୍ତି ଅଖତର ଏଥର କାହାକୁ ଚାମ୍ପିଅନ୍ସ ଟ୍ରଫିର ବିଜେତା ଭାବରେ ଦେଖିବାକୁ ଚାହୁଁଛନ୍ତି, ତାହା ଜଣାଇଛନ୍ତି। ୨୦୧୭ପରେ ପ୍ରଥମ ଥର ପାଇଁ ଚାମ୍ପିଅନ୍ସ ଟ୍ରଫି ଆୟୋଜିତ ହେଉଛି। ୨୦୧୭ରେ ଚାମ୍ପିଅନ୍ସ ଟ୍ରଫିର ଫାଇନାଲରେ ପାକିସ୍ତାନ ଭାରତକୁ ପରାସ୍ତ କରି ଟାଇଟଲ ଜିତିଥିଲା ବର୍ତ୍ତମାନ ୨୦୨୫ରେ ଚାମ୍ପିଅନ୍ସ ଟ୍ରଫି ଆୟୋଜିତ ହେବାକୁ ଯାଉଛି। ଏହାକୁ ନଜରରେ ରଖି ପାକିସ୍ତାନର ପୂର୍ବତନ ଦ୍ରୁତ ବୋଲର ଶୋଏବ ଅଖତର ଭବିଷ୍ୟବାଣୀ କରିଛନ୍ତି ଯେ, ୨୦୨୫ରେ ବି ପାକିସ୍ତାନ ଜିତିବ। ପାକିସ୍ତାନକୁ ଜିତିବାକୁ ହେବ।

ପାକିସ୍ତାନୀ ୟୁଟ୍ୟୁବର୍ ନିକସ ଖାନଙ୍କ ପୋଡକାଷ୍ଟକୁ ଯାଇ ଅଖତର କହିଛନ୍ତି, ମୁଁ ପାକିସ୍ତାନକୁ ବିଜେତା ବୋଲି ଭାବି ନେଇଛି ଏବଂ ଦଳ ବର୍ତ୍ତମାନ ଯେମିତି ହେଲେ ବି ଚାମ୍ପିଅନ୍ସ ଟ୍ରଫି ଟାଇଟଲ ଜିତିବା ଉଚିତ। ଚାମ୍ପିଅନ୍ସ ଟ୍ରଫି ପାକିସ୍ତାନରେ ଆୟୋଜନ ହେବା ବିଷୟ ଉପରେ ଅନେକ ବିବାଦ ହୋଇସାରିଛି। ଭାରତ ଆମ ଦେଶକୁ ଆସିବାକୁ ରାଜି ନହେବାରୁ ଶେଷରେ ହାଇବ୍ରିଡ ମଡେଲରେ ମ୍ୟାଚ୍ ହେବାକୁ ଯାଉଛି। ଏଭଳି ପରିସ୍ଥିତିରେ ପାକିସ୍ତାନକୁ ଚାମ୍ପିଅନ୍ସ ଟ୍ରଫି ଟାଇଟଲ ଜିତି ଦେଖାଇ ଦେବାକୁ ହେବ ଯେ, ପାକିସ୍ତାନ ବିଶ୍ୱ କ୍ରିକେଟରେ କେଉଁଠାରେ ରହିଛି। ମୁଁ ଭବିଷ୍ୟବାଣୀ କରୁଛି ଯେ, ପାକିସ୍ତାନ ଜିତିବ।

# ଟେଷ୍ଟ ମାନ୍ୟତାରେ ବୁମରାଙ୍କ ଦବଦବା ଜାରି

## ବ୍ୟାଟିଂରେ ପ୍ରଥମ ସ୍ଥାନ ହାସଲ କଲେ ହ୍ୟାରୀ ବ୍ରୁକ





ଦୁବାଇ, ୧୧।୧୨: ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପ୍ରକାଶ କରିଥିବା ସର୍ବଶେଷ ଟେଷ୍ଟ ମାନ୍ୟତାରେ ଭାରତୀୟ ଭେଟେରାନ ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ବଡ଼ କ୍ଷତି ସହିବାକୁ ପଡ଼ିଛି। ବୁଧବାର ପ୍ରକାଶିତ ଆଇସିସି ମାନ୍ୟତାରେ ଇଂଲଣ୍ଡର ହ୍ୟାରୀ ବ୍ରୁକ୍ ତାଙ୍କ ସାଥୀ ଖେଳାଳି ଜୋ ରୁଟଙ୍କୁ ହଟାଇ ଆଇସିସି ବ୍ୟାଟର ରାଙ୍କିଂର ଶୀର୍ଷରେ ପହଞ୍ଚିଛନ୍ତି। ଅନ୍ୟପଟେ ଆଇସିସି ବୋଲର ମାନ୍ୟତାରେ ଜସପ୍ରୀତ ବୁମରା ଏବଂ ଅଲରାଉଣ୍ଡର ତାଲିକାରେ ରବୀନ୍ଦ୍ର ଜାଡେଜା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି।

ଗତ ସପ୍ତାହରେ ଲେିଂଟନ୍‌ରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ନିଜ କ୍ୟାରିୟରର ଅଷ୍ଟମ ଶତକ ହାସଲ କରିଥିବା ୨୫ ବର୍ଷୀୟ ବ୍ରୁକ୍ ଆଇସିସି ମାନ୍ୟତାରେ ଟେଷ୍ଟ ବ୍ୟାଟର ତାଲିକାରେ ଶୀର୍ଷ ସ୍ଥାନକୁ ଉଠିଛନ୍ତି। ତାଙ୍କ ବରିଷ୍ଠ ସାଥୀ ଖେଳାଳି ଜୋ ରୁଟଙ୍କଠାରୁ ମାତ୍ର ଗୋଟିଏ ପଏଣ୍ଟ ଆଗରେ ଅଛନ୍ତି ହ୍ୟାରୀ ବ୍ରୁକ। ରୁଟ ୮୯୭ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଥିବାବେଳେ ୮୯୮ ପଏଣ୍ଟ ସହ ଶୀର୍ଷରେ ପହଞ୍ଚିଛନ୍ତି। ବ୍ରୁକ ଚଳିତ ବର୍ଷ ଜୁଲାଇରେ ନ୍ୟୁଜିଲ୍ୟାଣ୍ଡର ପୂର୍ବତନ ଅଧିନାୟକ କେନ ୱିଲିୟମସନଙ୍କୁ ହଟାଇ ରୁଟ୍ ଶୀର୍ଷ ସ୍ଥାନ ଅଧିକାର କରିଥିଲେ ସେବେଠାରୁ ଶୀର୍ଷ ସ୍ଥାନରେ ରହିଥିଲେ ଜୋ ରୁଟ୍।

ଅନ୍ୟପକ୍ଷରେ ଭାରତୀୟ ବ୍ୟାଟିଂ କିମ୍ବଦନ୍ତୀ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କୁ ଏଥର ଆଇସିସି ରାଙ୍କିଂରେ ବଡ଼ କ୍ଷତି ସହିବାକୁ ପଡ଼ିଛି। ଅଧିନାୟକ ରୋହିତ ଶର୍ମା ଶୀର୍ଷ ୩୦ରୁ ବାଦ ପଡ଼ିଛନ୍ତି। ସଦ୍ୟ ପ୍ରକାଶିତ ଆଇସିସି ମାନ୍ୟତାରେ ରୋହିତ ୩୧ଶ ସ୍ଥାନକୁ ଖସି ଆସିଥିବାବେଳେ ବିରାଟ କୋହଲି ୬ଟି ସ୍ଥାନ ହରାଇ ୨୦ଶ ସ୍ଥାନରେ ପହଞ୍ଚିଛନ୍ତି। ଚଳିତବର୍ଷ ଟେଷ୍ଟ ରାଙ୍କିଂ ଦୃଷ୍ଟିରୁ ଉଭୟ ଖେଳାଳି ସେମାନଙ୍କର ସବୁଠାରୁ ଖରାପ ସ୍ଥିତିରେ ପହଞ୍ଚିଛନ୍ତି। ଯୁବ ଓପନର୍ ଯଶସ୍ୱୀ ଜୈସାଲ ଚତୁର୍ଥ ସ୍ଥାନରେ ଥିବାବେଳେ କେନ୍ ୱିଲିୟମସନ ତୃତୀୟ ସ୍ଥାନରେ ଅଛନ୍ତି ଶୀର୍ଷ ୨୦ ମାନ୍ୟତାରେ ଋଷଭ ପନ୍ତ ନବମ ଓ ଶୁଭମନ ଗିଲ ୧୭ଶ ସ୍ଥାନରେ ଅଛନ୍ତି।

ଅନ୍ୟପଟେ ଆଇସିସି ଟେଷ୍ଟ ବୋଲର ମାନ୍ୟତାରେ ଜସପ୍ରୀତ ବୁମରାଙ୍କ ଦବଦବା ଜାରି ରହିଛି ୮୯୦ ରେଟିଂ ପଏଣ୍ଟ ସହ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ବୁମରା ତାଙ୍କ ପରେ ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର କାଗିସୋ ରାବାଡା (୮୫୬) ଏବଂ ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ଜୋଶ ହାଜଲେଉଡ୍ (୮୫୧) ଅଛନ୍ତି। ସେହିଭଳି ୪୧୫ ରେଟିଂ ପଏଣ୍ଟ ସହ ଟେଷ୍ଟ ଅଲରାଉଣ୍ଡର ସୂଚୀରେ ରବୀନ୍ଦ୍ର ଜାଡେଜା ମଧ୍ୟ ନିଜର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଏହି ତାଲିକାରେ ୨୮୫ ପଏଣ୍ଟ ସହ ବାଂଲାଦେଶ ଅଧିନାୟକ ମେହିଦି ହାସନ ମିରାଜ ଦ୍ୱିତୀୟ ସ୍ଥାନରେ ଅଛନ୍ତି।

# ସାଉଦି ଆରବରେ ୨୦୩୪ ଫୁଟବଲ ବିଶ୍ୱକପ୍

ଜୁରିକ୍: ସାଉଦି ଆରବ ୨୦୩୪ରେ ହେବାକୁ ଥିବା ଫୁଟବଲ ବିଶ୍ୱକପ୍ ଆୟୋଜନ କରିବ ବୋଲି ଫିଫା ଘୋଷଣା କରିଛି। ଏହାବ୍ୟତୀତ ୨୦୩୦ ଫିଫା ବିଶ୍ୱକପ୍ ମଧ୍ୟ ଘୋଷଣା କରାଯାଇଛି। ୨୦୩୦ ବିଶ୍ୱକପ୍ ସ୍ପେନ୍, ପର୍ତ୍ତୁଗାଲ୍ ଓ ମରୋକ୍କୋ ମିଳିତ ଭାବେ ଆୟୋଜନ କରିବେ। ଫିଫା ସଭାପତି ଜିଆନି ଇନଫାଣ୍ଟିନୋ ଏହା ଘୋଷଣା କରିଛନ୍ତି। ଆୟୋଜନ କରିବାକୁ ସାଉଦି ଆରବ ପାଇଁ କୌଣସି ଚ୍ୟାଲେଞ୍ଜ ନଥିଲା। ଫିଫା ବିଶ୍ୱକପ୍ ପାଇଁ ହୋଇଥିବା ବୈଠକରେ ୨୦୦ରୁ ଅଧିକ ସଦସ୍ୟ ଦେଶ ସର୍ବସମ୍ମତିକ୍ରମେ ଏହାକୁ ଅନୁମୋଦନ କରିଛନ୍ତି।

ଆମେ ଫୁଟବଲକୁ ଅଧିକ ଦେଶରେ ପହଞ୍ଚାଇବାକୁ ଚେଷ୍ଟା କରୁଛୁ ବୋଲି ଇନଫାଣ୍ଟିନୋ କହିଛନ୍ତି। ଫିଫା ବିଶ୍ୱକପ୍ ରେ ଆମେ ଅଧିକରୁ ଅଧିକ ଦଳର ଅଂଶଗ୍ରହଣ ଚାହୁଁଛୁ। ଫିଫା ଓ ସାଉଦି ଅଧିକାରୀମାନେ କହିଛନ୍ତି ଯେ ୨୦୩୪ ବିଶ୍ୱକପ୍ ଆୟୋଜନ କରିବା ଦ୍ୱାରା ମହିଳାଙ୍କ ସ୍ୱାଧୀନତା ଏବଂ ଅଧିକାରର ସମ୍ପ୍ରସାରଣ ସହିତ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିବ। ଫିଫା ଓ ସାଉଦି ଅଧିକାରୀମାନେ କହିଛନ୍ତି ଯେ ୨୦୩୪ ବିଶ୍ୱକପ୍ ଆୟୋଜନ କରିବା ଦ୍ୱାରା ମହିଳାଙ୍କ ସ୍ୱାଧୀନତା ଏବଂ ଅଧିକାରର ସମ୍ପ୍ରସାରଣ ସହିତ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିବ।

ଜୁରିକ୍ ରେ ଅନୁଷ୍ଠିତ ବୈଠକରେ ମହିଳା ଫିଫା ବିଶ୍ୱକପ୍ ଆୟୋଜନ କରିବାକୁ ମଧ୍ୟ ଘୋଷଣା କରାଯାଇଥିଲା। ଫିଫା ମହିଳା ବିଶ୍ୱକପ୍ ଜୁନ୍ ୨୪ରୁ ଜୁଲାଇ ୨୫ ପର୍ଯ୍ୟନ୍ତ ବ୍ରାଜିଲରେ ଅନୁଷ୍ଠିତ ହେବ ବୋଲି ଫିଫା ମଙ୍ଗଳବାର ଘୋଷଣା କରିଛି। ପ୍ରଥମ ଥର ପାଇଁ ଦକ୍ଷିଣ ଆମେରିକାର କୌଣସି ଦେଶରେ ଏହି ପ୍ରତିଯୋଗିତା ଆୟୋଜନ କରାଯିବ। ମହିଳା ବିଶ୍ୱକପ୍ ରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିବେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ